## ଟ୍ରେଞ୍ଚରୁ ଉଦ୍ଧାର ହେଲା ଷଣ

ବାରଙ୍ଗ, (ଡି.ଏନ୍.ଏ.): ଚନ୍ଦକା-ଡମପଡ଼ା ଅଭୟାରଣ୍ୟର ଗୋଡ଼ିବାରିସ୍ଥିତ ଏକ ଟ୍ରେଞ୍ଚରେ ପଡ଼ିଥିବା ଗୋଟିଏ ଷଣ୍ଢକୁ ଶୁକ୍ରବାର ଅଗ୍ନିଶମ ବିଭାଗର କର୍ମଚାରୀମାନେ ଉଦ୍ଧାର କରିଛନ୍ତି। ୫ଦିନ ତଳେ ଏହି ଷଣ୍ଢଟି ଟ୍ରେଞ୍ଚ ଭିତରେ ପଡ଼ିଯାଇଥିବା ସ୍ଥାନୀୟ ଲୋକେ ଦେଖି ଚନ୍ଦକା ବନ ବିଭାଗକୁ ଜଣାଇଥିଲେ। ଗୋଡ଼ିବାରି ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଓ ପିଲାମାନେ ୫ଦିନ ଧରି ଷଣ୍ଢକୁ ପାଣି ଓ ନଡ଼ା ସହ ଅନ୍ୟାନ୍ୟ ଖାଦ୍ୟ ପ୍ରଦାନ କରିଥିଲେ। କୁଜିମହଲ ଗ୍ରାମସ୍ଥିତ ଗୋଶାଳାର ଶ୍ରୀନିବାସ ମାନସିଂ ଓ ପ୍ରଭାତ କୁମାର ରାଉତରାୟ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ସହାୟତାରେ ଟ୍ରେଞ୍ଚ ଭିତରୁ ଷଣ୍ଢଟିକୁ ଉଦ୍ଧାର କରିଥିଲେ।

## ସଂକ୍ଷେପରେ

### ଯୌତୁକ ନିର୍ଯାତନା, ସ୍ୱାମୀ ଗିରଫ

ଭୁବନେଶ୍ୱର(ବ୍ୟୁରୋ)/ପୁରୁଣା ଭୁବନେଶ୍ୱର,୧୧।୧୨(ଡି.ଏନ୍.ଏ.): ଯୌତୁକ ପାଇଁ ସ୍ତ୍ରୀଙ୍କୁ ନିର୍ଯାତନା ଓ ହତ୍ୟା ଉଦ୍ୟମ ଅଭିଯୋଗରେ ଶ୍ରୀଲିଙ୍ଗରାଜ ଥାନା ପୋଲିସ ଶୁକ୍ରବାର ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ଗୁଡ଼ିଆପୋଖରୀ ସାହିରେ ରହୁଥିବା ଗଞ୍ଜାମ ଜିଲା ବଡ଼ଗଡ଼ ଥାନା ବଡ଼ଦାଣ୍ଡସାହିର ପିଙ୍କୁ ସୁବୁଦ୍ଧି(୩୩)। ସୂଚନା ଅନୁଯାୟୀ, ଲିଙ୍ଗରାଜ ଥାନା ଅଧୀନ ଗୁଡ଼ିଆପୋଖରୀ ସାହିର ନିରଞ୍ଜନ ସୁବୁଦ୍ଧିଙ୍କ ଝିଅ ଡଲି ବଡ଼ଦାଣ୍ଡସାହିର ପିଙ୍କୁଙ୍କୁ ବିବାହ କରିଥିଲେ। ବିବାହ ସମୟରେ ନିରଞ୍ଜନ ଦାବି ମୁତାବକ ଯୌତୁକ ଦେଇଥିଲେ। ତେବେ ବିବାହର କିଛି ମାସ ପରେ ଡଲିଙ୍କୁ ବାପଘରୁ ଅଧିକ ଟଙ୍କା ଆଣିବା ପାଇଁ ପିଙ୍କୁ କହିଥିଲେ। ଏଥିରେ ଡଲି ଅରାଜି ହେବାରୁ ପିଙ୍କୁ ତାଙ୍କୁ ନିର୍ଯାତନା ଦେଇ ଆସୁଥିଲେ। ୨୦୧୯ ଅକ୍ଟୋବର ୧୮ ରାତିରେ କୌଣସି କାରଣ ନେଇ ପିଙ୍କୁ ଓ ଡଲିଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ପିଙ୍କୁ ଉତ୍କ୍ଷିପ୍ତ ହୋଇ ଡଲିଙ୍କୁ ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲେ। କୌଶଳକ୍ରମେ ଡଲି ସେଠାରୁ ଖସିଆସି ବାପଘରକୁ ପଳାଇଥିଲେ। ଏନେଇ ତା’ ପରଦିନ ତଥା ୧୯ ତାରିଖରେ ଡଲିଙ୍କ ଅଭିଯୋଗକ୍ରମେ ଲିଙ୍ଗରାଜ ପୋଲିସ ଏକ ମାମଲା (ନଂ.୧୯୯/୧୯)ରୁଜୁ କରିଥିଲା। ତେବେ କିଛିଦିନ ତଳେ ପିଙ୍କୁ ତାଙ୍କ ଗାଁକୁ ଆସିଥିବା ନେଇ ପୋଲିସ ଖବର ପାଇଥିଲା। ଗୁରୁବାର ରାତି ସାଢ଼େ ୧୧ଟାରେ ଲିଙ୍ଗରାଜ ଥାନା ପୋଲିସର ଏକ ଟିମ୍ ଗଞ୍ଜାମ ଯାଇ ତାଙ୍କ ଘରୁ ଧରିଥିଲା।

### ବୋଲେରୋ ଲୁଟ୍ ଘଟଣା, ଜଣେ ଗିରଫ

ଖୁଣ୍ଟୁଣୀ,୧୧।୧୨(ଡି.ଏନ୍.ଏ.): ଖୁଣ୍ଟୁଣୀ ଥାନା ଅଞ୍ଚଳରୁ ନିଶା ଦେଇ ଏକ ବୋଲେରୋ ଲୁଟ୍ ଘଟଣାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଦ୍ୱାରାବତୀପୁର ଗ୍ରାମର ବିରଞ୍ଚି ବେହେରା। ତେବେ ଏହି ଘଟଣାର ଅନ୍ୟତମ ମାଷ୍ଟରମାଇଣ୍ଡ ସମେତ ୪ଜଣ ଫେରାର ହୋଇଥିବା ଆଇଆଇସି ସୁଚିତ୍ରବିର୍ଯ୍ୟ ଦାସ କହିଛନ୍ତି। ସୂଚନା ଅନୁଯାୟୀ, ଗତ ଜୁନ ୧୦ ତାରିଖରେ ରାଧାଶ୍ୟାମପୁର ଗ୍ରାମର ରମେଶ ସାହୁଙ୍କ ବୋଲେରୋ ତାଙ୍କ ଚାଳକ ସୁଶାନ୍ତ ରାଉତଙ୍କୁ ଲୁଟେରାଙ୍କ ମଧ୍ୟରୁ ଜଣେ ଆଠଗଡ଼ ମେଡିକାଲ ଯିବାକୁ କହି ନେଇଥିଲେ। ଅଂଶୁପା ନିକଟରେ ସୁଶାନ୍ତଙ୍କୁ ନିଶା ଦେଇ କାଜୁ ଜଙ୍ଗଲରେ ପକାଇ ମୋବାଇଲ ସହ ଗାଡ଼ି ନେଇ ଫେରାର ହୋଇଯାଇଥିଲେ। ଏ ନେଇ ରମେଶ ଥାନାରେ ଏତଲା ଦେବାରେ ପୋଲିସ ନଂ. ୭୩/୨୦ ରେ ମାମଲା ହୋଇ କାଜୁ ଜଙ୍ଗଲରୁ ସୁଶାନ୍ତଙ୍କୁ ଉଦ୍ଧାର କରି ତଦନ୍ତ ଚଳାଇଥିଲା। ପୋଲିସ ମୋବାଇଲ ଟ୍ରାକ କରୁଥିଲେ ମଧ ଫୋନ ସୁଇଚ୍ ଅଫ ଥିବାରୁ ଲୁଟେରାଙ୍କ ସମ୍ପର୍କରେ ସନ୍ଧାନ ମିଳିପାରି ନ ଥିଲା। ଏବେ ଗତ କିଛିଦିନ ତଳେ ମୋବାଇଲ ଟ୍ରାକରୁ ସନ୍ଧାନ ପାଇ ଏଥିରେ ସମ୍ପୃକ୍ତ ଥିବା ବିରଞ୍ଚିଙ୍କୁ ତାଙ୍କ ଘରୁ ଗିରଫ କରିବା ସହ ଚୋରି ବୋଲେରୋର ସନ୍ଧାନ ପାଇ ଜବତ ହୋଇ ନିରାକାରପୁର ଥାନାରେ ଥିବା ଆଇଆଇସି କହିଛନ୍ତି।

# ନିର୍ବନ୍ଧ ପୂର୍ବରୁ ଯୁବକଙ୍କୁ ହତ୍ୟା

ଖୋର୍ଦ୍ଧା ଅଫିସ/ନିରାକାରପୁର, ୧୧।୧୦(ଡି.ଏନ୍.ଏ.)





ମୃତ ବିକାଶ ସାହୁ (ଫାଇଲ ଫଟୋ)

- ବରଯାତ୍ରୀ ଯାଇ ନିଖୋଜ ଥିଲେ
- ଅଭିଯୁକ୍ତଙ୍କୁ ଗିରଫ, ଥାନାଧିକାରୀଙ୍କ ବଦଳି ଦାବି
- ପରିବାର ଓ ଗ୍ରାମବାସୀଙ୍କ ୫ଘଣ୍ଟା ରାସ୍ତା ଅବରୋଧ

ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅନ୍ତର୍ଗତ ଡ଼ିଆ ଗ୍ରାମର ବିକାଶ ସାହୁ(୨୯)ଙ୍କୁ ହତ୍ୟା କରାଯାଇଛି। ତାଙ୍କ ମୃତଦେହକୁ ଜଙ୍କିଆ ଥାନା ରମାବିଲି ଗ୍ରାମର ଏକ ପରିତ୍ୟକ୍ତ କୂଅରୁ ଶୁକ୍ରବାର ପୋଲିସ ଜବତ କରିଛି। ଶନିବାର ବିକାଶଙ୍କ ନିର୍ବନ୍ଧ ହେବାକୁ ଥିବାବେଳେ ଏହାପୂର୍ବରୁ ତାଙ୍କର ମୃତ୍ୟୁକୁ କେହି ସହଜରେ ଗ୍ରହଣ କରିପାରୁ ନାହାନ୍ତି। ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ ସହ ଜଙ୍କିଆ ଥାନାଧିକାରୀଙ୍କ ବଦଳି ଦାବିରେ ପରିବାର ଓ ଗ୍ରାମବାସୀ ୫ଘଣ୍ଟା ଧରି ରମାବିଲି ଗାଁ ମୁଣ୍ଡରେ ନୂଆ ଜଗନ୍ନାଥ ସଡ଼କ ରାସ୍ତା ଅବରୋଧ କରିଥିଲେ। ଅନ୍ୟପକ୍ଷରେ ବାପା କେଦାରନାଥଙ୍କ ଅଭିଯୋଗ ପରେ ପୋଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିବା ସହ ୫ ଜଣଙ୍କୁ ଅଟକ ରଖାଯାଇଥିବା ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ କହିଛନ୍ତି।

ଗତ ୯ ତାରିଖରେ ବିକାଶ ଗ୍ରାମର ଜଣେ ଯୁବକଙ୍କ ବାହାଘରରେ ରମାବିଲି ଗାଁକୁ ଅନ୍ୟମାନଙ୍କ ସହ ବରଯାତ୍ରୀ ଯାଇଥିଲେ। ଶୋଭାଯାତ୍ରା ଯାଉଥିବାବେଳେ ବର ବସିଥିବା କାର ଭିତର ଅନ୍ଧାର ଥିବାରୁ ସ୍ଥାନୀୟ ଜଣେ ଯୁବକ ଚାଳକଙ୍କୁ ଏକ ଚାପୁଡ଼ା ମାରିଥିଲେ। ଏହାକୁ ନେଇ ପାଟିତୁଣ୍ଡ ହୋଇଥିଲା। ପରେ ରମାବିଲି ଗ୍ରାମର ମାଡ଼ ମାରିଥିବା ଯୁବକଙ୍କ ସହ ୨୦ରୁ ୩୦ଜଣ ବରଯାତ୍ରୀଙ୍କୁ ଆକ୍ରମଣ କରିଥିଲେ। ସମସ୍ତ ବରଯାତ୍ରୀ ସେଠାରୁ ଛତ୍ରଭଙ୍ଗ ଦେଇ ଘରକୁ ଫେରିଥିବା ବେଳେ ବିକାଶ ଫେରି ନ ଥିଲେ। ଗ୍ରାମବାସୀ ଓ ପରିବାର ଲୋକେ ରମାବିଲିରେ ପହଞ୍ଚି ବିକାଶଙ୍କୁ ଖୋଜାଖୋଜି କରି ପାଇ ନ ଥିଲେ। କନ୍ୟା ଘର ନିକଟରେ ବିକାଶଙ୍କ ବାଇକ୍ (ଏପି ୨୮ବିୟୁ ୬୪୦୧)ଥିବା ଦେଖିବା ପରେ ପରିବାରଲୋକେ ଜଙ୍କିଆ ଥାନାରେ ଅଭିଯୋଗ କରିଥିଲେ। ମାତ୍ର ଜଙ୍କିଆ ପୋଲିସ ନିରାକାରପୁର ଥାନାରେ ଅଭିଯୋଗ କରିବାକୁ କହି ଫେରାଇ ଦେଇଥିଲା। ନିରାକାରପୁର ପୋଲିସ ମଧ୍ୟ ଅଭିଯୋଗପତ୍ର ରଖିବାକୁ ମନା କରିଦେଇଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ସନ୍ଧ୍ୟାରେ ଜଙ୍କିଆ ପୋଲିସ ନିଖୋଜ ମାମଲା ରୁଜୁ କରିଥିଲା। ଶୁକ୍ରବାର ପୋଲିସ ତଦନ୍ତ ବେଳେ ରମାବିଲି ମଠସାହି କୂଅରୁ ବିକାଶଙ୍କ ମୃତଦେହ ମିଳିବା ପରେ ରାସ୍ତାରୋକୋ ହୋଇଥିଲା। ଏସ୍‌ପି ସ୍ୱାଇଁ ଓ ଉପଜିଲାପାଳ ଅଶୋକ ବେହେରିଆ,ଏସ୍‌ଡିପିଓ ସୁଶିଲ ମିଶ୍ର ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ସହ ଅଭିଯୁକ୍ତଙ୍କୁ ଗିରଫ ପ୍ରତଶ୍ରୁତି ଦେଇଥିଲେ।





## ଫି’ ହ୍ରାସ ଦାବିରେ ଛାତ୍ରୀଛାତ୍ରଙ୍କ ଧାରଣା

କଟକ ଅଫିସ, ୧୧।୧୨:

କୋର୍ସ ଫି’ ଏବଂ ରିଆଡ୍‌ମିଶନ ଫି’ ହ୍ରାସ ଦାବିରେ ରେଭେନ୍ସା ଛାତ୍ରୀଛାତ୍ର ଚଳାଇଥିବା ଧାରଣା ଶୁକ୍ରବାର ଦ୍ୱିତୀୟ ଦିନରେ ପହଞ୍ଚିଛି। କର୍ତ୍ତୃପକ୍ଷଙ୍କ ପକ୍ଷରୁ ଲିଖିତ ପ୍ରତିଶ୍ରୁତି ନ ମିଳିବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଛାତ୍ରୀଛାତ୍ରମାନେ କହିଛନ୍ତି। ସେମାନେ କହିଛନ୍ତି, କୋର୍ସ ଫି’ ସଂକ୍ରାନ୍ତ ନୋଟିସ ପ୍ରକାଶିତ ହେବା ଦିନଠାରୁ ପ୍ରତିବାଦ କରାଯିବା ସହ ଦାବିପତ୍ର ଦିଆଯାଇଥିଲା। କିନ୍ତୁ ପଦକ୍ଷେପ ନିଆ ନ ଯିବାରୁ କୁଳସଚିବଙ୍କ ଅଫିସ ପରିସରରେ ଧାରଣା ଦେଇଛୁ। ଶୁଭମ ଆଚାର୍ଯ୍ୟ, ଅମିତ ରାଉତରାୟ, ପୂର୍ଣ୍ଣିମା ବେହେରା, ରାହୁଲ ସିଂହ, ପ୍ରୀତମ ସାହୁ, ଅଭୟ ଶାହା, ଅରବିନ୍ଦ ମିଶ୍ର, ଅଭୟ ରଥ, ଶେଖ ଫାୟାଜ, ଗୌରବ ସାହୁ ଓ ଅରବିନ୍ଦ ମିଶ୍ର ପ୍ରମୁଖ ଧାରଣାରେ ସାମିଲ ହୋଇଛନ୍ତି।

# ରିମାଣ୍ଡରେ ଆଣି ୨ ଅଭିଯୁକ୍ତଙ୍କୁ ଜେରା

ଭୁବନେଶ୍ୱର,୧୧।୧୨(ବ୍ୟୁରୋ)

**ଏଟିଏମ୍ କାଟି ୨୮ ଲକ୍ଷ ଲୁଟ୍ ଘଟଣା**

ରାଜଧାନୀ ପଟିଆ ଅଞ୍ଚଳର ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ଏଟିଏମ୍‌ରୁ ୨୮ଲକ୍ଷ ଟଙ୍କା ଲୁଟ୍ ଘଟଣାରେ ସମ୍ପୃକ୍ତ ଥିବା ୨ ଅଭିଯୁକ୍ତଙ୍କୁ କମିଶନରେଟ୍ ପୋଲିସ ରିମାଣ୍ଡରେ ଆଣିଛି। ଏ ନେଇ ବିଶାଖାପାଟନମ୍‌ର ଭାଇଜାଗ ପୋଲିସ ହାତରେ ଗିରଫ ହୋଇଥିବା ପଞ୍ଜାବର ସମରଜିତ ସିଂ ଓ କେରଳର ଜାଫର ସାଦିକ୍‌ଙ୍କୁ ଶୁକ୍ରବାର ଭୁବନେଶ୍ୱର ଅଣାଯାଇଥିଲା। ୩ ଦିନିଆ ରିମାଣ୍ଡରେ ଆସିଥିବା ଏହି ଲୁଟେରାଦ୍ୱୟଙ୍କୁ ପୋଲିସ ମାରାଥନ୍ ଜେରା ଆରମ୍ଭ କରିଛି। କେମିତି ଏଟିଏମ୍ ଲୁଟ୍ କରିଥିଲେ, ଏହି ରାକେଟ୍‌ରେ ଆଉ କିଏ ସାମିଲ ଅଛନ୍ତି, ଓଡ଼ିଶାରେ ଘଟିଥିବା ଅନ୍ୟ ଏଟିଏମ୍ ଲୁଟ୍ ଘଟଣାରେ ଏମାନଙ୍କ ସମ୍ପୃକ୍ତି ରହିଛି କି ନାହିଁ, ଲୁଟ୍ କରିବାକୁ ଆଉ କେହି ସାହାଯ୍ୟ କରିଥିଲେ କି,ଏଭଳି ଅନେକ ପ୍ରଶ୍ନରେ ପୋଲିସ ସେମାନଙ୍କୁ ଘଣ୍ଟାଘଣ୍ଟା ଜେରା କରିଛି। ଜେରା ସମୟରେ ଉଭୟଙ୍କ ନିକଟରୁ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଥିବା ନେଇ ଜଣେ ବରିଷ୍ଠ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ପିଏନ୍‌ବି ଏଟିଏମ୍ କାଟି ୨୮ଲକ୍ଷ ଟଙ୍କା ଲୁଟ୍ କରିବା ପରେ ଉଭୟ ବିମାନ ଯୋଗେ ଦିଲ୍ଲୀ ପଳାଇଥିଲେ। ଦିଲ୍ଲୀରେ କିଛିଦିନ ରହିବା ପରେ ସେଠାରୁ ବେଙ୍ଗାଲୁରୁ ପରେ ଚଣ୍ଡିଗଡ଼ ଚାଲିଯାଇଥିଲେ। ଅଭିଯୁକ୍ତଦ୍ୱୟ ସେଠି ମଧ୍ୟ କେତେକ ସ୍ଥାନରେ ଲୁଟ୍ କରିଥିଲେ। ପରେ ଭାଇଜାଗ୍‌କୁ ଖସି ଆସି ଏକ ଘର ଭଡ଼ା ନେଇ ରହୁଥିଲେ। ତେବେ ଭାଇଜାଗ୍ ପୋଲିସ ସେମାନଙ୍କୁ ସନ୍ଦେହ କରି ଗିରଫ କରିବା ପରେ ଉଭୟଙ୍କ ନେଟ୍‌ୱର୍କ ସାମ୍ନାକୁ ଆସିଥିଲା। ଏମାନଙ୍କ ଲୁଟ୍ କରିବା ଚେର ଦିଲ୍ଲୀଠାରୁ ଓଡ଼ିଶା ପର୍ଯ୍ୟନ୍ତ ଲମ୍ବିଥିବା ଜଣାପଡ଼ିଥିଲା। ପରେ ସ୍ପେଶାଲ ସ୍କ୍ୱାଡର ମୁଖ୍ୟ ସଞ୍ଜୀବ ଶତପଥୀଙ୍କ ନେତୃତ୍ୱରେ ଏକ ଟିମ୍ ଅଭିଯୁକ୍ତଦ୍ୱୟଙ୍କୁ ରିମାଣ୍ଡରେ ଆଣିବା ପାଇଁ ଗତ ଗୁରୁବାର ଭାଇଜାଗ୍ ଯାଇଥିଲେ।

## ଟ୍ରକ୍ ଚଢ଼ିଯିବାରୁ ମାନସିକ ବିକାରଗ୍ରସ୍ତଙ୍କ ମୃତ୍ୟୁ

ନିଶ୍ଚିନ୍ତକୋଇଲି, ୧୧।୧୨(ସ୍ୱ.ପ୍ର.)

କଟକ-ଚାନ୍ଦବାଲି ରାସ୍ତାର ନିଶ୍ଚିନ୍ତକୋଇଲି ଥାନା ଅଧୀନ ବଜାର ନିକଟରେ ଶୁକ୍ରବାର ରାତିରେ ଏକ ଟ୍ରକ୍ ଜଣେ ମାନସିକ ବିକାରଗ୍ରସ୍ତଙ୍କ ଉପରେ ଚଢ଼ିଯିବାରୁ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ରାସ୍ତା କଡ଼ରେ ବାଲିଗଦା ଉପରେ ମାନସିକ ବିକାରଗସ୍ତ ବ୍ୟକ୍ତି ଜଣକ ଶୋଇଥିଲେ। ଅନ୍ଧାର ହୋଇଥିବାରୁ ଟ୍ରକ୍ ତାଙ୍କ ଉପରେ ଚଢାଇ ଦେଇ ଦ୍ରୁତଗତିରେ ପଳାଇ ଯାଇଥିଲା। ସ୍ଥାନୀୟ ବ୍ୟବସାୟୀ ଦମକଳ କେନ୍ଦ୍ରକୁ ଯୋଗାଯୋଗ କରିବାରେ କର୍ମଚାରୀମାନେ ଆସି ପହଞ୍ଚି ଥିଲେ। ସେମାନେ ଦେଖିବା ବେଳକୁ ବ୍ୟକ୍ତି ଜଣକ ମୃତ୍ୟୁ ହୋଇଥିବାରୁ ଫେରି ଯାଇଥିଲେ। ପୋଲିସ ଖବରପାଇ ଆମ୍ବୁଲାନ୍ସ ଯୋଗେ ନିଶ୍ଚିନ୍ତକୋଇଲି ଡାକ୍ତରଖାନାକୁ ନେଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ବ୍ୟକ୍ତିଙ୍କୁ ୫୦ବର୍ଷ ହୋଇଥିବା ଅନୁମାନ କରାଯାଉଛି।

## ରାସ୍ତା ମଝିରେ ମହିଳାଙ୍କ ଉନ୍ମତ୍ତକାଣ୍ଡ

ଚୌଦ୍ୱାର,୧୧।୧୨(ଡି.ଏନ୍.ଏ.)

୫୫ନମ୍ବର ଜାତୀୟ ରାଜପଥର ଚୌଦ୍ୱାର ପୌରାଞ୍ଚଳ ଅନ୍ତର୍ଗତ ଧୂମାବତୀ ଛକ ରାସ୍ତା ମଝିରେ ଶୁକ୍ରବାର ଜଣେ ମହିଳାଙ୍କ ଉନ୍ମତ୍ତକାଣ୍ଡ ଦେଖିବାକୁ ମିଳିଛି। ଏଥିଯୋଗୁ ରାସ୍ତା ଉଭୟ ପାର୍ଶ୍ୱରେ ଶହଶହ ଗାଡ଼ି ମୋଟର ଅଧଘଣ୍ଟାଏ ପର୍ଯ୍ୟନ୍ତ ଯାତାୟାତରେ ବାଧାପ୍ରାପ୍ତ ହୋଇଥିଲା। ଶୁକ୍ରବାର ଅପରାହ୍ନ ୪ଟାରେ ଜଣେ ମହିଳା ହଠାତ୍ ପାଟିତୁଣ୍ଡ କରିବା ସହ ରାସ୍ତା ମଝିରେ ଶୋଇ ଯାଇଥିଲେ। ଫଳରେ ଉକ୍ତ ରାସ୍ତାରେ ଗାଡ଼ି ଚଳାଚଳ ବନ୍ଦ ହୋଇ ଯାଇଥିଲା। ଘଟଣା ସମ୍ପର୍କରେ ଖବରପାଇ ସ୍ଥାନୀୟ ଲ’ ସଂଗଠନର ସଦସ୍ୟ ମାନସ ସାହୁ ଓ ଧନେଶ୍ୱର ସାହୁ ପହଞ୍ଚି ମହିଳାଙ୍କୁ ବୁଝାଶୁଝା କରି ରାସ୍ତାରୁ ଉଠାଇବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ମହିଳା ଜଣକ ହେଲେ ଭୁବନେଶ୍ୱର ଶହୀଦ୍ ନଗର ତାରିଣୀ ବଜାରର ଲକ୍ଷ୍ମୀ ହରିପାଳ। ତାଙ୍କ କହିବା ଅନୁଯାୟୀ, ତାଙ୍କ ସ୍ୱାମୀ ନିର୍ଯାତନା ଦେବାରୁ ଶୁକ୍ରବାର ସେ ଆଠଗଡ଼ସ୍ଥିତ ଶାଶୁଘରୁ ଅଟୋରିକ୍ସାରେ ଯାଉଥିଲେ। ତେବେ ଧୂମାବତୀ ଛକ ପାଖରେ ଅଟୋ ଡ୍ରାଇଭର ଜଣକ ତାଙ୍କୁ ମାଡ଼ମାରି ତାଙ୍କର ବ୍ୟାଗ୍ ଓ ମନିପର୍ସ ଛଡ଼ାଇନେଇ ରାସ୍ତା ଉପରେ ଓହ୍ଲାଇଦେଇ ଚାଲି ଯାଇଥିଲେ। ଲ’ ସଂଗଠନର ସଦସ୍ୟମାନେ ତାଙ୍କ ପାଇଁ ଖାଦ୍ୟପେୟର ବ୍ୟବସ୍ଥା କରିବା ସହ ତାଙ୍କୁ ବସ୍‌ରେ ଭୁବନେଶ୍ୱର ପଠାଇଥିଲେ।

## ବିଭିନ୍ନ ଦାବିରେ ନିର୍ମାଣ ଶ୍ରମିକଙ୍କ ବିକ୍ଷୋଭ

କଟକ ଅଫିସ, ୧୧।୧୨

ନିର୍ମାଣ ଶ୍ରମିକ ସଙ୍ଗଠନ ସମନ୍ୱୟ କମିଟି ପକ୍ଷରୁ ବିଭିନ୍ନ ଦାବି ନେଇ ଶୁକ୍ରବାର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା (ଡିଆର୍‌ଡିଏ)ର ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏ ନେଇ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ସ୍ମାରକପତ୍ର ଦିଆଯାଇଥିଲା। ଦାବି ପୂରଣ ନ ହେଲେ ଆନ୍ଦୋଳନ ହେବ ବୋଲି ସମନ୍ୱୟ କମିଟି ଚେତାବନୀ ଦେଇଛି। ଏଥିରେ ଦର୍ଶାଯାଇଛି, କରୋନା ସମୟରେ ନିର୍ମାଣ ଶ୍ରମିକଙ୍କୁ ୧୫୦୦ ଟଙ୍କା ଦେବାକୁ ସରକାର ଘୋଷଣା କରିଥିଲେ ମଧ ୯ ମାସ ପରେ ବି ଜିଲାର ୩୦ ହଜାରରୁ ଊର୍ଦ୍ଧ୍ୱ ଶ୍ରମିକ ପାଇନାହାନ୍ତି। ନୂତନ ନିର୍ମାଣ ଶ୍ରମିକଙ୍କ ନାମ ପଞ୍ଜୀକରଣ କରାଯାଉ ନାହିଁ। ଜିଲାର ବିଡ଼ି ଶ୍ରମିକ ଓ ଅସଙ୍ଗଠିତ ଶ୍ରମିକଙ୍କୁ କରୋନା ସହାୟତା ପ୍ରଦାନ ସହିତ ନାମ ପଞ୍ଜୀକରଣ ପାଇଁ ଦାବି କରାଯାଇଛି। ଶ୍ରମିକ ନେତା ରାଜକିଶୋର ମଲ୍ଲିକ, ପୀତାମ୍ବର ଲେଙ୍କା, ବିଜୟ ଭୂଷଣ ପତି, ଖଗେଶ୍ୱର ସେଠୀ, ମନୋରଞ୍ଜନ ମହାରଣା, ପ୍ରଭାକର ବେହେରା, ହରିହର ମହାନ୍ତି, ବିପିନ ବିହାରୀ ରାଉତ, ଚିତ୍ତରଞ୍ଜନ ବାରିକ ପ୍ରମୁଖ ବିକ୍ଷୋଭରେ ସାମିଲ ଥିଲେ।

## ଆୟୁର୍ବେଦ ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର,୧୧।୧୨(ବ୍ୟୁରୋ)

ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ଅଧୀନ ଆୟୁର୍ବେଦ ଗବେଷଣା ପରିଷଦର ସେବା ନିବୃତ୍ତ ବୈଜ୍ଞାନିକ ରାଜବୈଦ୍ୟ ଗୋପାଳ ଚନ୍ଦ୍ର ନନ୍ଦଙ୍କ ଦ୍ୱାରା ସଂଗୃହୀତ ପୁସ୍ତକ ‘ଫୁଡ଼ ଆଜ୍ ମେଡିସିନ’ ଉନ୍ମୋଚିତ ହୋଇଯାଇଛି। ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ତାଙ୍କ ସରକାରୀ ବାସଭବନରେ ଏହି ପୁସ୍ତକକୁ ଉନ୍ମୋଚନ କରିଥିଲେ। ଏହି ପୁସ୍ତକରେ ଆୟୁର୍ବେଦରେ ବର୍ଣ୍ଣିତ ପଥ୍ୟାପଥ୍ୟ ଉପରେ ଆଧାରିତ ରୋଗ ନିରାକରଣର ବ୍ୟବସ୍ଥା ସମ୍ପର୍କରେ ଉଲ୍ଲେଖ ରହିଛି। ଏହା ବହି ପବ୍ଲିକେଶନ ଅହମ୍ମଦାବାଦ ଦ୍ୱାରା ପ୍ରକାଶିତ ଓ ଆମାଜନ ମାଧ୍ୟମରେ ଉପଲବ୍ଧ ବୋଲି ସୂଚନା ମିଳିଛି।

## ଲୁଟ୍‌ବେଳେ ମହିଳାଙ୍କୁ ଛୁରାମାଡ଼: ୨ ଗିରଫ

ଭୁବନେଶ୍ୱର,୧୧।୧୨(ବ୍ୟୁରୋ):

ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଜଣେ ମହିଳାଙ୍କଠାରୁ ଲୁଟ୍‌ବେଳେ ଛୁରାମାଡ଼ କରିବା ଅଭିଯୋଗରେ ପୋଲିସ ଶୁକ୍ରବାର ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଡମଣା ଅରବିନ୍ଦ ନଗର ବସ୍ତିର ତାପସ କୁମାର ସାହୁ ଏବଂ ପ୍ରଦୀପ ସାହୁ। ସୂଚନା ଅନୁଯାୟୀ, ସେପ୍ଟେମ୍ବର ୮ରେ ଅରବିନ୍ଦ ନଗର ବସ୍ତିର ବାସନ୍ତି ନାୟକ ଡମଣା ଛକରୁ ନିଜ ଘରକୁ ଚାଲି ଚାଲି ଯାଉଥିଲେ। ସେହି ସମୟରେ ତାପସ ଏବଂ ପ୍ରକାଶ ତାଙ୍କ ହାତରୁ ମୋବାଇଲ୍ ଝମ୍ପିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ବାସନ୍ତି ଜଣଙ୍କୁ କାବୁ କରିଥିବାବେଳେ ଅନ୍ୟଜଣେ ତାଙ୍କୁ ଛୁରିରେ ଆକ୍ରମଣ କରିଥିଲେ। ଏଥିରେ ବାସନ୍ତି ଆହତ ହୋଇଥିବା ବେଳେ ଉଭୟ ସେଠାରୁ ଖସି ପଳାଇଥିଲେ। ଏ ନେଇ ବାସନ୍ତି ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ମାମଲା ରୁଜୁ କରିବା ସହ ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ସିସିଟିଭି କ୍ୟାମେରା ଫୁଟେଜ ଆଧାରରେ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲା। ପରେ ଅରବିନ୍ଦ ନଗରରେ ଚଢ଼ାଉ କରି ୨ ଅଭିଯୁକ୍ତଙ୍କୁ ଧରିଥିଲା।

## ବିଏମ୍‌ସିର ୩୫୦୦ ଉଠାଦୋକାନୀ ପାଇଲେଣି ଋଣ

ଭୁବନେଶ୍ୱର,୧୧।୧୨(ବ୍ୟୁରୋ) :

**୭ ପ୍ରତିଶତ ସୁଧରେ ୧୦ହଜାର ଟଙ୍କା**

କରୋନା ଯୋଗୁ କ୍ଷତିଗ୍ରସ୍ତ ହୋଇଥିବା ଉଠା ଦୋକାନୀଙ୍କ ଆର୍ଥିକ ସ୍ଥିତିରେ ସୁଧା ଆଣିବା ପାଇଁ ଭୁବନେଶ୍ୱର ମହାନଗର ନିଗମ(ବିଏମସି) ପକ୍ଷରୁ ଋଣ ପ୍ରଦାନ କରାଯାଉଛି। ପ୍ରଧାନମନ୍ତ୍ରୀ ସ୍ୱନିଧି ଯୋଜନା ଅଧୀନରେ ୭ପ୍ରତିଶତ ସୁଧରେ ୧୦ହଜାର ଟଙ୍କା ଲେଖାଏ ଋଣର ବ୍ୟବସ୍ଥା ହୋଇଛି। ବର୍ତ୍ତମାନ ସହରରେ ଉଠା ଦୋକାନୀଙ୍କ ସଂଖ୍ୟା ୧୪ ହଜାରରୁ ଅଧିକ। ଋଣ ସୁବିଧା ପାଇବା ପାଇଁ ପ୍ରାୟ ୮ ହଜାର ୨ଶହ ଉଠାଦୋକାନୀ ଅନ୍‌ଲାଇନରେ ଆବେଦନ କରିଥିଲେ। ଆବେଦନ ପ୍ରକ୍ରିୟା ଶେଷ ହେବାପରେ ବିଏମ୍‌ସି ପକ୍ଷରୁ ତୁରନ୍ତ ଋଣ ଦେବା ଆରମ୍ଭ ହୋଇଥିଲା। ଅଦ୍ୟାବଧି ୩ ହଜାର ୫ଶହ ଉଠାଦୋକାନୀଙ୍କୁ ଏହି ଯୋଜନା ମାଧ୍ୟମରେ ଋଣ ମିଳି ସାରିଥିବାବେଳେ ଶୁକ୍ରବାର ୧୬୫ଜଣଙ୍କୁ ଋଣ ପ୍ରଦାନ କରାଯାଇଛି ବୋଲି ବିଏମ୍‌ସି ଡେପୁଟି କମିଶନର ପ୍ରମୋଦ କୁମାର ପୃଷ୍ଟି କହିଛନ୍ତି। ଋଣ ଆବଣ୍ଟନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ବିଏମ୍‌ସି ସ୍ୱତନ୍ତ୍ର ପ୍ରସ୍ତୁତି କରିଛି। ଭୁବନେଶ୍ୱରକୁ ମୁଖ୍ୟତଃ ୩ ଜୋନ୍‌ରେ ବିଭକ୍ତ କରାଯାଇ ଲୋନ୍ ମେଳାର ଆୟୋଜନ ହେଉଛି। ଏହି ମେଳାରେ ବ୍ୟାଙ୍କ କର୍ମଚାରୀ ଉପସ୍ଥିତ ରହି ଉଠା ଦୋକାନୀଙ୍କ ସହ ଆଲୋଚନା କରି ଓ ସବିଶେଷ ତଥ୍ୟ ( ଦରକାରୀ କାଗଜପତ୍ର) ସଂଗ୍ରହ କରି ଋଣ ପ୍ରଦାନର ବ୍ୟବସ୍ଥା କରୁଛନ୍ତି। ଋଣ ବଣ୍ଟନଠାରୁ ଆରମ୍ଭ କରି ବେପାର ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ କ୍ୟାସଲେସ୍ କାରବାର ଉପରେ ଗୁରୁତ୍ୱ ଦିଆଯାଉଛି। କ୍ୟାସ୍‌ଲେସ୍ ବେପାର ପାଇଁ ବିଏମ୍‌ସି ଉଠା ଦୋକାନୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରୁଥିବା ଅତିରିକ୍ତ କମିଶନର ସୁରଥଚନ୍ଦ୍ର ମଲ୍ଲିକ କହିଛନ୍ତି।

# ଡମପଡ଼ା ବ୍ଲକରେ ସୂଚନା ଅଧିକାର କର୍ମୀଙ୍କ ଅନଶନ

ବାଙ୍କୀ,୧୧।୧୨(ସ୍ୱ.ପ୍ର.)





ବ୍ଲକ ପରିସରରେ ଧାରଣାରତ ଢଁସର ପଞ୍ଚାୟତର କଂଗ୍ରେସ କର୍ମୀ ଓ ଅନ୍ୟମାନେ।

ଡମପଡ଼ା ବ୍ଲକ ଢଁସର ପଞ୍ଚାୟତରେ ୨୦୧୨ଠାରୁ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଛି। ବ୍ଲକର ଦୁର୍ନୀତି ସମ୍ପର୍କରେ ସୂଚନା ଅଧିକାରୀ କର୍ମୀ ନକୁଳ ପ୍ରଧାନ ତଥ୍ୟ ମାଗି ବିଫଳ ହୋଇଥିଲେ। ଏହାର ପ୍ରତିବାଦରେ ଶୁକ୍ରବାର ବ୍ଲକ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତର କଂଗ୍ରେସ କର୍ମକର୍ତ୍ତାମାନଙ୍କ ସହ ପ୍ରଧାନ ଅନଶନରେ ବସିଥିଲେ। ଅନଶନରେ ବାଙ୍କୀର ପୂର୍ବତନ ବିଧାୟକ ଡ. ଦେବାଶିଷ ପଟ୍ଟନାୟକ ଯୋଗଦେଇ ବ୍ଲକର ଦୁର୍ନୀତି ସମ୍ପର୍କରେ ଆଲୋକପାତ କରିବା ସହ ଭିଜିଲାନ୍ସ ତଦନ୍ତ ଦାବି କରିଥିଲେ।

ସୂଚନାଯୋଗ୍ୟ, ଢଁସର ପଞ୍ଚାୟତରେ ଚତୁର୍ଥ ଓ ଚତୁର୍ଦ୍ଦଶ ଅର୍ଥ କମିଶନଙ୍କ ଅର୍ଥର ବ୍ୟାପକ ଦୁର୍ନୀତି ଓ ଅନେକ କାର୍ଯ୍ୟର ୨ରୁ ୩ ଥର ବିଲ କରି ଅର୍ଥ ହଡପ, ପଞ୍ଚାୟତରେ ଜଣେ ମହିଳା ଜନଜାତିର ସରପଞ୍ଚ ଥିବାରୁ ତାଙ୍କ ଅଗୋଚରରେ ଶାସକ ଦଳର କର୍ମୀଙ୍କ କଥାରେ ବ୍ୟାପକ ଦୁର୍ନୀତି ଓ ହରିଲୁଟ ହୋଇଚାଲିଛି। ହାଇ ମାସ୍କ ଲାଇଟ ଓ ଲାଇଟ କିଣା ବିକାରେ ଲକ୍ଷାଧିକ ଟଙ୍କା ଦୁର୍ନୀତିର ତଥ୍ୟ ମାଗିବାରୁ ପଞ୍ଚାୟତ ଓ ବ୍ଲକ ପକ୍ଷରୁ କୌଣସି ତଥ୍ୟ ମିଳୁନାହିଁ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ବିଜୁ ପକ୍କା ଘର, ପଞ୍ଚାୟତରେ ବ୍ୟାପକ ଦୁର୍ନୀତି ସହ ଅଯୋଗ୍ୟ ହିତାଧିକାରୀଙ୍କୁ ଗୃହ ଯୋଗେଇବା ସମ୍ପର୍କରେ ତଥ୍ୟ ମିଳୁନାହିଁ। ୨୦୧୨ ପରଠାରୁ ଢଁସର ପଞ୍ଚାୟତ ଉନ୍ନତିମୂଳକ ବିଭିନ୍ନ କାର୍ଯ୍ୟର ସୂଚନା ଅଧିକାର ଆଇନରେ ତଥ୍ୟ ମାଗି ନ ମିଳିବାରୁ ଏହାର ଭିଜିଲାନ୍ସ ତଦନ୍ତ ପାଇଁ ଅନଶନ କରାଯାଇଛି ବୋଲି ସୂଚନା ଅଧିକାର କର୍ମୀ ପ୍ରଧାନ କହିଛନ୍ତି। ଏହି ଅନଶନ କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ କର୍ମୀ ଭବନୀ ଶଙ୍କର ଧଳସାମନ୍ତ, କୁବେର ଚୌଧୁରୀ, ଅସିତବରଣ ପଟ୍ଟନାୟକ, ବିଶ୍ୱ ରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ନନ୍ଦନକାନନକୁ ଆସିବେ ନୂଆ ଅତିଥି

ବାରଙ୍ଗ, ୧୧।୧୨(ଡି.ଏନ୍.ଏ)

ଦୀର୍ଘଦିନର ବ୍ୟବଧାନ ପରେ ପୁଣି ନନ୍ଦନକାନନରେ ଆରମ୍ଭ ହେବାକୁ ଯାଉଛି ପଶୁପକ୍ଷୀ ଅଦଳବଦଳ ପ୍ରକ୍ରିୟା। କୋଭିଡ୍ କଟକଣା ଭିତରେ ନନ୍ଦନକାନନ ଖୋଲିଛି। ପ୍ରତ୍ୟହ ୫ ହଜାର ପର୍ଯ୍ୟଟକଙ୍କ ବୁଲିବା ଲାଗି ଅନୁମତି ରହିଥିବାବେଳେ ନୂଆବର୍ଷରେ ଭେଟି ଦେବାକୁ ନନ୍ଦନକାନନ କର୍ତ୍ତୃପକ୍ଷ ଉଦ୍ୟମ କରିଛନ୍ତି। ନୂଆ ଅତିଥିଙ୍କୁ ଆଣିବା ପାଇଁ ୧୩ ତାରିଖ ସକାଳେ ନନ୍ଦନକାନନର ୬ଜଣିଆ ଟିମ୍ ମଧ୍ୟପ୍ରଦେଶ ଅଭିମୁଖେ ଯାତ୍ରା କରିବ। ସେଠାକାର ଇନ୍ଦୋରସ୍ଥିତ କମଳା ନେହେରୁ ପ୍ରାଣୀ ସଂଗ୍ରହାଳୟରୁ ୨ଟି ମାଈ ସିଂହ, ଗୋଟିଏ ଅଣ୍ଡିରା ଓ ୨ଟି ମାଈକୁ ମିଶାଇ ୩ଟି ଧୂସର ଗଧିଆ, ଗୋଟିଏ ଅଣ୍ଡିରା ଓ ୨ଟି ମାଈକୁ ମିଶାଇ ୩ଟି ଘଡ଼ିଆଳ କୁମ୍ଭୀର, ଗୋଟିଏ ମାଈ କୋକିଶିଆଳି ଅଣାଯିବ।

ସୂଚନାଯୋଗ୍ୟ, ନନ୍ଦନକାନନ ଲାଗି ମାର୍ଚ୍ଚ ୧୭ରେ ଶେଷ ପଶୁପକ୍ଷୀ ଅଦଳବଦଳ ପ୍ରକ୍ରିୟା ହୋଇଥିଲା। ଏବେ ଦୀର୍ଘମାସର ବ୍ୟବଧାନ ପରେ ପୁଣି ନୂଆ ପଶୁପକ୍ଷୀ ଆଣିବାର ଉଦ୍ୟମ ଆରମ୍ଭ ହୋଇଛି। ଏଥର ମଧ୍ୟପ୍ରଦେଶର କମଳା ନେହେରୁ ପ୍ରାଣୀ ସଂଗ୍ରହାଳୟରୁ ସିଂହ, ଧୂସର ଗଧିଆ, ଘଡ଼ିଆଳ କୁମ୍ଭୀର, କୋକିଶିଆଳି ଆସିବ। ଏହା ବଦଳରେ ନନ୍ଦନକାନନକୁ ଗୋଟିଏ ଧଳାବାଘ, ଗୋଟିଏ କଳାବାଘ, ୩ଟି ଘଡ଼ିଆଳ କୁମ୍ଭୀର, ୪ଟି ସିଲଭର ପିଜାଣ୍ଟ, ୪ଟି ଗୋଲ୍‌ଡେନ୍ ପିଜାଣ୍ଟ ଦିଆଯିବାକୁ ନିଷ୍ପତ୍ତି ହୋଇଛି। ତେବେ ଇନ୍ଦୋର ପ୍ରାଣୀ ସଂଗ୍ରହାଳୟର ଟିମ୍ କେବେ ନନ୍ଦନକାନନକୁ ଆସିବ ତାହା ଜଣାପଡ଼ିନାହିଁ। ଏହାପରେ ଆସନ୍ତା ଜାନୁୟାରୀରେ ନନ୍ଦନକାନନକୁ ଆଇଜଲ୍ ଚିଡ଼ିଆଖାନାରୁ ହିମାଳୟ କଳାଭାଲୁ, ଜଙ୍ଗଲୀ କୁକୁର, ଆସାମୀଜ୍ ମାଙ୍କଡ ଆଦି ଅଣାଯିବା ନେଇ କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷ ମୋହର ମାରିସାରିଛନ୍ତି। କେବଳ ସେମାନଙ୍କୁ ଆଣିବା ପ୍ରକ୍ରିୟା ବାକି ରହିଛି। ନନ୍ଦନକାନନରେ ଥିବା ଜୀବଜନ୍ତୁଙ୍କ ମଧ୍ୟରେ ରକ୍ତଗତ ସମ୍ପର୍କ ରହୁଥିବାରୁ ଜନ୍ମ ପରେ ସେମାନେ ଅଳ୍ପାୟୁଷ ସହ ରୋଗିଣା ହେଉଛନ୍ତି। ଏହାକୁ ଦୂର କରିବା ପାଇଁ ନନ୍ଦନକାନନ ପକ୍ଷରୁ ଉଦ୍ୟମ କରାଯାଉଛି। ଯେଉଁ ପ୍ରଜାତିର ପଶୁପକ୍ଷୀ ଏଠାରେ ରହିଛନ୍ତି ସେମାନଙ୍କ ଜିନ୍ ପରିବର୍ତ୍ତନ ପାଇଁ ଆମେ ପ୍ରଚେଷ୍ଟା ଜାରି ରଖିଛୁ ବୋଲି ନନ୍ଦନକାନନ ସହକାରୀ ନିର୍ଦ୍ଦେଶକ ଅମୂଲ୍ୟ କୁମାର ପରିଡ଼ା କହିଛନ୍ତି।

**୧୩ରେ ଇନ୍ଦୋର ପ୍ରାଣୀ ସଂଗ୍ରହାଳୟକୁ ଯିବ ଟିମ୍**





### ଦେଶୀଭାଲୁର ଶାବକ ଜନ୍ମ

ବାରଙ୍ଗ, ୧୧।୧୨(ଡି.ଏନ୍.ଏ):

ପ୍ରାଣୀ ଉଦ୍ୟାନ ନନ୍ଦନକାନନର ଭାଲୁ ସଫାରୀରେ ଗୁରୁବାର ବିଳମ୍ବିତ ରାତିରେ ଏକ ଦେଶୀ ଭାଲୁ ଗୋଟିଏ ଶାବକକୁ ଜନ୍ମ ଦେଇଛି। ମା’ ଓ ଛୁଆ ଉଭୟ ସୁସ୍ଥ ଥିବା ଜଣାପଡ଼ିଛି। ଶାବକଟିର ଜନ୍ମ ପରେ ଏମାନଙ୍କ ସଂଖ୍ୟା ବୃଦ୍ଧି ପାଇ ୧୬ରେ ପହଞ୍ଚିଛି। ସେମାନଙ୍କ ମଧ୍ୟରେ ସଫାରୀରେ ୧୦ ଏବଂ ଏନ୍‌କ୍ଲୋଜରରେ ୬ ଦେଶୀ ଭାଲୁ ରହିଛନ୍ତି ।

## ପାଣିଟାଙ୍କିରୁ ଖସି ଶ୍ରମିକ ଗୁରୁତର

ନିମାପଡ଼ା,(ଡି.ଏନ୍.ଏ.): ନିମାପଡ଼ା ବ୍ଲକ ଡେଣୁଆଁ ପଞ୍ଚାୟତର ଛେନୁଆଁ ଗୁଡ୍ରସାହି ଗ୍ରାମରେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ ଏକ ପାଣି ଟାଙ୍କିର ନିର୍ମାଣ କାର୍ଯ୍ୟ ଚାଲିଛି। ଶୁକ୍ରବାର ପାଣି ଟାଙ୍କିରେ ରଡ ବନ୍ଧା କାର୍ଯ୍ୟ ଚାଲିଥିବାବେଳେ ପ୍ରାୟ ୫୦ଫୁଟ ତଳକୁ ଖସି ପଡ଼ି ଜଣେ କାର୍ଯ୍ୟରତ ଶ୍ରମିକଙ୍କ ହାତ ଭାଙ୍ଗିବା ସହ ଗୁରୁତର ହୋଇଛନ୍ତି। ଠିକାଦାର ଓ ଶ୍ରମିକମାନେ ତାଙ୍କୁ ଉଦ୍ଧାର କରି ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଛନ୍ତି। ମାତ୍ର ତାଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇପଡ଼ିଥିବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଆହତ ଶ୍ରମିକ ଜଣକ ନୟାଗଡ଼ ଜିଲାର ସୁରେଶ ନାୟକ ବୋଲି ଜଣାପଡ଼ିଛି।

# ନିର୍ବନ୍ଧ ପୂର୍ବରୁ ଯୁବକଙ୍କୁ ହତ୍ୟା

ଖୋର୍ଦ୍ଧା ଅଫିସ/ନିରାକାରପୁର, ୧୧।୧୨(ଡି.ଏନ୍.ଏ.)



ରମାବିଲି ଗାଁ ମୁଣ୍ଡରେ ରାସ୍ତା ଅବରୋଧ କରାଯାଇଛି(ଉପର), ପୋଲିସ ବୁଝାଶୁଝା କରୁଛି।



ବିକାଶ ସାହୁ (ଫାଇଲ ଫଟୋ)

- ବରଯାତ୍ରୀରେ ଯାଇ ନିଖୋଜ ଥିଲେ
- ଅଭିଯୁକ୍ତଙ୍କ ଗିରଫ, ଥାନାଧିକାରୀଙ୍କ ବଦଳି ଦାବି
- ପରିବାର ଓ ଗ୍ରାମବାସୀଙ୍କ ୫ଘଣ୍ଟା ରାସ୍ତା ଅବରୋଧ

ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅନ୍ତର୍ଗତ ଡ଼ିଆ ଗ୍ରାମର ବିକାଶ ସାହୁ(୨୯)ଙ୍କୁ ହତ୍ୟା କରାଯାଇଛି। ତାଙ୍କ ମୃତଦେହକୁ ଜଙ୍କିଆ ଥାନା ରମାବିଲି ଗ୍ରାମର ଏକ ପରିତ୍ୟକ୍ତ କୂଅରୁ ଶୁକ୍ରବାର ପୋଲିସ ଜବତ କରିଛି। ଶନିବାର ବିକାଶଙ୍କ ନିର୍ବନ୍ଧ ହେବାକୁ ଥିବାବେଳେ ଏହାପୂର୍ବରୁ ତାଙ୍କର ମୃତ୍ୟୁକୁ କେହି ସହଜରେ ଗ୍ରହଣ କରିପାରୁ ନାହାନ୍ତି। ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ ସହ ଜଙ୍କିଆ ଥାନାଧିକାରୀଙ୍କ ବଦଳି ଦାବିରେ ପରିବାର ଓ ଗ୍ରାମବାସୀ ୫ଘଣ୍ଟା ଧରି ରମାବିଲି ଗାଁ ମୁଣ୍ଡରେ ନୂଆ ଜଗନ୍ନାଥ ସଡ଼କ ରାସ୍ତା ଅବରୋଧ କରିଥିଲେ। ଅନ୍ୟପକ୍ଷରେ ବାପା କେଦାରନାଥଙ୍କ ଅଭିଯୋଗ ପରେ ପୋଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିବା ସହ ୫ ଜଣଙ୍କୁ ଅଟକ ରଖାଯାଇଥିବା ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ କହିଛନ୍ତି।

ସୂଚନା ମୁତାବକ, ଗତ ୯ତାରିଖରେ ଡିଆ ଗ୍ରାମର ତ୍ରିନାଥ ବାରିକଙ୍କ ପୁଅ ବିବାହରେ ବରଯାତ୍ରୀରେ ଅନ୍ୟମାନଙ୍କ ସହ ବିକାଶ ରମାବିଲି ଗ୍ରାମକୁ ଯାଇଥିଲେ। ଶୋଭାଯାତ୍ରା ଯାଉଥିବା ବେଳେ ବର ବସିଥିବା କାର ଭିତର ଅନ୍ଧାର ଥିବାରୁ ଲାଇଟ ଦେବାକୁ ଜଣେ ସ୍ଥାନୀୟ ଯୁବକ କହିଥିଲେ। ଲାଇଟ ଖରାପ ଥିବା କହିବାରୁ ଯୁବକ ଜଣକ କାର ଚାଳକଙ୍କୁ ଏକ ଚାପୁଡ଼ା ମାରିଥିଲେ। ବରଯାତ୍ରୀଙ୍କ ମଧ୍ୟରୁ ଜଣେ କାହିଁକି ମାରୁଛ ବୋଲି ପ୍ରତିବାଦ କରିଥିଲେ। ପରେ ରମାବିଲି ଗ୍ରାମର ମାଡ଼ ମାରିଥିବା ଯୁବକଙ୍କ ସହ ୨୦ରୁ ୩୦ଜଣ ବରଯାତ୍ରୀଙ୍କୁ ଆକ୍ରମଣ କରିଥିଲେ। ଫଳରେ ବରଯାତ୍ରୀ ସେଠାରୁ ଛତ୍ରଭଙ୍ଗ ଦେଇଥିଲେ। ସମସ୍ତ ବରଯାତ୍ରୀ ଘରକୁ ଫେରିଥିବା ବେଳେ ବିକାଶ ଫେରି ନ ଥିଲେ। ଗ୍ରାମବାସୀ ଏବଂ ପରିବାର ଲୋକେ ରମାବିଲି ଗ୍ରାମରେ ପହଞ୍ଚି ବିକାଶଙ୍କୁ ଖୋଜାଖୋଜି କରିଥିଲେ। କିନ୍ତୁ ବିକାଶଙ୍କ କୌଣସି ସନ୍ଧାନ ପାଇ ନ ଥିଲେ। କନ୍ୟା ଘର ନିକଟରେ ବିକାଶଙ୍କ ବାଇକ୍ (ଏପି ୨୮ବିୟୁ ୬୪୦୧)ଥିବା ଦେଖିବାକୁ ପାଇଥିଲେ। ଏନେଇ ପରିବାରଲୋକେ ଜଙ୍କିଆ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ଜଙ୍କିଆ ପୋଲିସ ନିରାକାରପୁର ଥାନାରେ ଅଭିଯୋଗ କରିବାକୁ କହି ଫେରାଇ ଦେଇଥିଲା। ଅନ୍ୟପଟେ ନିରାକାରପୁର ପୋଲିସ ମଧ୍ୟ ଅଭିଯୋଗପତ୍ର ରଖିବାକୁ ମନା କରିଦେଇଥିଲା। ଏନେଇ ପରିବାରଲୋକେ ଏବଂ ଗ୍ରାମବାସୀ ଘଟଣା ସମ୍ପର୍କରେ ଏସ୍‌ପି ସ୍ୱାଇଁଙ୍କୁ ଫୋନ ମାଧ୍ୟମରେ ଜଣାଇଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ସନ୍ଧ୍ୟାରେ ଜଙ୍କିଆ ପୋଲିସ ଦଫା ୩୪୧, ୩୨୩, ୨୯୪, ୩୬୫, ୫୦୬/୩୪ଆଇପିସିରେ ଏକ ନିଖୋଜ ମାମଲା (ନଂ.୨୪୯/୨୦) ରୁଜୁ କରିଥିଲା। ଶୁକ୍ରବାର ପୋଲିସ ତଦନ୍ତ ବେଳେ ରମାବିଲି ମଠସାହି କୂଅରେ ବିକାଶଙ୍କ ମୃତଦେହ ପଡ଼ିଥିବା ଜାଣିବାକୁ ପାଇଥିଲା। ବିକାଶଙ୍କ ମୃତ୍ୟୁ ଖବର ଡିଆ ଗ୍ରାମରେ ପହଞ୍ଚିବା ପରେ ପରିବାର ଓ ଶତାଧିକ ଗ୍ରାମବାସୀ ସକାଳ ୬ଟାରୁ ୧୧ଟା ପର୍ଯ୍ୟନ୍ତ ରମାବିଲି ଗାଁ ମୁଣ୍ଡରେ ନୂଆ ଜଗନ୍ନାଥ ସଡ଼କ ଅବରୋଧ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ଯାନବାହନ ଅଟକି ରହିଥିଲା। ଖବରପାଇ ଏସ୍‌ପି ସ୍ୱାଇଁ ଓ ଉପଜିଲାପାଳ ଅଶୋକ ବେହେରିଆ,ଏସ୍‌ଡିପିଓ ସୁଶୀଲ ମିଶ୍ର ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲେ। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ଏବଂ ଥାନାଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଏସ୍‌ପି ପ୍ରତିଶ୍ରୁତି ଦେବା ପରେ ଅବରୋଧ ହଟିଥିଲା। ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ମୃତକଙ୍କ ବାପା କେଦାରନାଥଙ୍କ ଅଭିଯୋଗକ୍ରମେ ଶୁକ୍ରବାର ଦଫା ୩୦୨ରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ମୃତଦେହ ସଂସ୍କାର ଲାଗି ରେଡକ୍ରସ ପାଣ୍ଠିରୁ ୨୦ହଜାର ଟଙ୍କା ଦିଆଯାଇଛି ବୋଲି ଉପଜିଲାପାଳ ବେହେରିଆ କହିଛନ୍ତି।

## ଉପନିର୍ବାଚନ ଲାଗି ପ୍ରକ୍ରିୟା ଆରମ୍ଭ

ଖୋର୍ଦ୍ଧା ଅଫିସ,୧୧।୧୨

ବିଭିନ୍ନ ଜିଲାର ପଞ୍ଚାୟତସ୍ତରରେ ଖାଲି ପଡ଼ିଥିବା ୱାର୍ଡମେମ୍ବର, ସରପଞ୍ଚ, ସମିତିସଭ୍ୟ ଓ ଜିଲାପରିଷଦ ପଦବୀର ଉପନିର୍ବାଚନ ଲାଗି ରାଜ୍ୟ ନିର୍ବାଚନ ଅଧିକାରୀ ନୋଟିସ ଜାରି କରିଛନ୍ତି। ଏ ନେଇ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଖୋର୍ଦ୍ଧା ବ୍ଲକ ଓରବରସିଂହ ସରପଞ୍ଚ ଓ ବୋଲଗଡ଼ ବ୍ଲକ ଅସରଳାଦଳ ପଞ୍ଚାୟତ ସମିତି ସଭ୍ୟ ପଦ ପାଇଁ ଉପନିର୍ବାଚନ ହେବ। ଏଥିସହ ବୋଲଗଡ଼ ବ୍ଲକ ଖଙ୍ଗୁରିଆ ପଞ୍ଚାୟତ ୨୦ନଂ ୱାର୍ଡର ୱାର୍ଡମେମ୍ବର, ଅସରଳାଦଳ ପଞ୍ଚାୟତ ୪ନଂ. ୱାର୍ଡର ୱାର୍ଡମେମ୍ବର, ଟାଙ୍ଗୀ ବ୍ଲକ ଓଳସିଂହ ପଞ୍ଚାୟତର ୧୦ନଂ. ୱାର୍ଡର ୱାର୍ଡମେମ୍ବର, ଜଟଣୀ ବ୍ଲକ ପଦନପୁର ପଞ୍ଚାୟତର ୧୯ନଂ. ୱାର୍ଡର ୱାର୍ଡମେମ୍ବର ଏବଂ ଅଙ୍ଗାରପଡ଼ା ପଞ୍ଚାୟତର ୧୪ନଂ. ୱାର୍ଡର ୱାର୍ଡମେମ୍ବର ପାଇଁ ଉପନିର୍ବାଚନ ହେବ। ସମସ୍ତ ବ୍ଲକ ପ୍ରଶାସନ ପକ୍ଷରୁ ଆସନ୍ତା ୧୪ ତାରିଖରେ ନୋଟିସ କରାଯିବ। ୨୨ରେ ମତଦାନ, ୨୩ରେ ଗଣତି ଏବଂ ୨୪ ତାରିଖରେ ବିଜେତାଙ୍କ ନାମ ଘୋଷଣା କରାଯିବ ବୋଲି ନୋଟିସରେ ଦର୍ଶାଯାଇଛି। ସୂଚନାଥାଉ କି, ନିର୍ବାଚନ ଅଧିକାରୀ ଗତ ଫେବୃୟାରୀ ୫ରେ ନୋଟିସ କରିଥିଲେ। ଭୋଟଦାନ ତାରିଖ ମଧ୍ୟ ସ୍ଥିର ହୋଇଯାଇଥିଲା। କରୋନା କଟକଣା ଯୋଗୁ ପରବର୍ତ୍ତୀ ସମୟରେ ନିର୍ବାଚନ ଅଧିକାରୀ ମାର୍ଚ୍ଚ ୧୬ ତାରିଖରେ ଏହାକୁ ବାତିଲ କରିଥିଲେ। ପୁଣି ନିର୍ବାଚନ କମିଶନର ଏହି ନିର୍ବାଚନ ତୁରନ୍ତ ସାରିବାକୁ ଡିସେମ୍ବର ୪ରେ ନୋଟିସ କରିଛନ୍ତି।

## ସଂକ୍ଷେପରେ

### ଟ୍ରାକ୍ଟର ଓଲଟି ୧୦ ଆହତ

ବାଲୁଗାଁ,୧୧।୧୨(ଡି.ଏନ୍.ଏ.): ବାଲୁଗାଁ ଥାନା ଅଧୀନ ଧୁଆଁଳ ଛକ ନିକଟରେ ଶୁକ୍ରବାର ରାତିରେ ଏକ ଟ୍ରାକ୍ଟର ଓଲଟି ପଡ଼ିବାରୁ ୧୦ଜଣ ଆହତ ହୋଇଛନ୍ତି। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ସମସ୍ତ ଆହତଙ୍କୁ ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତନ୍ମଧ୍ୟରୁ ୩ଜଣ ଗୁରୁତର ଅନିଲ ନାୟକ, ବ୍ରଜ ନାୟକ, ମେଘନାଦ ସାହୁଙ୍କୁ ଭୁବନେଶ୍ୱରର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନା ମୁତାବକ, ବାଲୁଗାଁସ୍ଥିତ ସରଳାପଦର ଗ୍ରାମର ଏକ ଟ୍ରାକ୍ଟରରେ ଚତୁର୍ଥୀ ଭାର ସହ ୧୫ଜଣ ବାଣପୁର ନିକଟ ଭୀମପୁର ଗ୍ରାମକୁ ଯାଇଥିଲେ। ରାତି ପ୍ରାୟ ୧୧ଟାରେ ଟ୍ରାକ୍ଟର ଫେରୁଥିବା ବେଳେ ଧୁଆଁଳ ଛକ ଠାରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଫଳରେ ଏଥିରେ ଥିବା ଲୋକେ ଆହତ ହୋଇଥିଲେ।

### ୱାର୍କର୍ସ ୟୁନିୟନର ବୈଠକ

ଖୋର୍ଦ୍ଧା ଅଫିସ,୧୧।୧୨: ଖୋର୍ଦ୍ଧା ଶିଳ୍ପାଞ୍ଚଳ ସ୍ଥିତ ଏକ ଘରୋଇ କମ୍ପାନୀ ଫାଟକ ସମ୍ମୁଖରେ ଶୁକ୍ରବାର ୱାର୍କର୍ସ ୟୁନିୟନର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ୟୁନିଅନର ସଭାପତି ଜନାର୍ଦ୍ଦନ ପତି ସଭାପତିତ୍ୱ କରିଥିଲେ। ବୈଠକରେ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। କୁଶଳୀଙ୍କୁ ମାସିକ ୨୭ ହଜାର, ଅର୍ଦ୍ଧ କୁଶଳୀଙ୍କୁ ୨୪ ହଜାର, ଅଣକୁଶଳୀଙ୍କୁ ୨୧ ହଜାର ଏବଂ ଉଚ୍ଚ କୁଶଳୀଙ୍କୁ ୩୦ହଜାର ଟଙ୍କା ଦରମା, ବର୍ଷ ଶେଷରେ ଶ୍ରମିକଙ୍କ ବେସିକ୍ ଦରମା ଉପରେ ୨୫ ପ୍ରତିଶତ ବୃଦ୍ଧି, ସମାନ କାମକୁ ସମାନ ଦରମା ତଥା ଦୀର୍ଘଦିନ କମ୍ପାନୀରେ କାର୍ଯ୍ୟ କରି ଆସୁଥିବା ସମସ୍ତ ଠିକା ଶ୍ରମିକଙ୍କୁ ସ୍ଥାୟୀ ଶ୍ରମିକର ମାନ୍ୟତା ପ୍ରଦାନ ଲାଗି ଦାବି କରିଛନ୍ତି। ଉପସଭାପତି ଶୈଳେଶ ବଳିଆରସିଂହ, ସୁର୍ଦ୍ଦଶନ ସେନାପତି, ଉପଦେଷ୍ଟା ଅନନ୍ତ ମଙ୍ଗରାଜ, ସାଧାରଣ ସମ୍ପାଦକ ଦୁର୍ଗାପ୍ରସାଦ ସ୍ୱାଇଁ, ନବକିଶୋର ବଡ଼ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ବସ୍ ଧକ୍କାରେ ବାଇକ୍ ଚାଳକ ଗୁରୁତର

ନିରାକାରପୁର,୧୧।୧୨(ଡି.ଏନ୍.ଏ.): ଜଙ୍କିଆ ଥାନା ଅଧୀନ ସିକୋ ଫାଣ୍ଡି ତଣ୍ଡମୁଣ୍ଡ ଛକରେ ଶୁକ୍ରବାର ଅପରାହ୍ନରେ ବସ୍ ଧକ୍କାରେ ଜଣେ ବାଇକ୍ ଚାଳକ ଗୁରୁତର ହୋଇଛନ୍ତି। ସେ ହେଲେ ଭୁଷଣ୍ଡପୁର ଫାଣ୍ଡି ଅଧୀନ ଗୋବର୍ଦ୍ଧନପୁର ଗ୍ରାମର ବ୍ରହ୍ମଚାରୀ ପରିଡ଼ା। ତାଙ୍କୁ ଗୁରୁତର ଅବସ୍ଥାରେ ଖୋର୍ଦ୍ଧା ମେଡିକାଲ ପରେ ଭୁବନେଶ୍ୱରର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନା ମୁତାବକ, ଗୋବର୍ଦ୍ଧନପୁର ଗ୍ରାମର ବ୍ରହ୍ମଚାରୀ ବାଇକ୍‌ରେ ରଣପୁର ଅଭିମୁଖେ ଯାଉଥିଲେ। ତଣ୍ଡପୁଣ୍ଡ ଛକରେ ଏକ ବସ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ବ୍ରହ୍ମଚାରୀ ଗୁରୁତର ହୋଇଥିଲେ। ପୋଲିସ ପହଞ୍ଚି ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲ ପଠାଇଥିଲା। ପରେ ତାଙ୍କୁ ଭୁବନେଶ୍ୱରର ଏକ ହସ୍ପିଟାଲକୁ ପଠାଯାଇଛି।

### ଅବକାରୀ ଚଢ଼ାଉ: ୩ ଗିରଫ

କୋଣାର୍କ, ୧୧।୧୨ (ଡି.ଏନ.ଏ): କୋଣାର୍କ ଅଞ୍ଚଳର ୩ଟି ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୧୦ ଲିଟର ଦେଶୀମଦ ଜବତ କରାଯାଇଛି। ଏହି ଘଟଣାରେ ଗଦାଧର ମାଝୀ, ନାରାୟଣ, ମନୋରଞ୍ଜନ ମଲ୍ଲିକଙ୍କୁ ଗିରଫ କରାଯାଇଛି।

### ୩ ପଦବୀ ପାଇଁ ହେବ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା

ଜଟଣୀ,୧୧।୧୨(ଡି.ଏନ.ଏ): ଓଡ଼ିଶା ଷ୍ଟେଟ୍ ବାର୍ କାଉନ୍‌ସିଲ ସହବନ୍ଧିତ ସମସ୍ତ ବାର୍ ଆସୋସିଏଶନ୍‌ର କର୍ମକର୍ତ୍ତା ନିର୍ବାଚନ ଶନିବାର ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଜଟଣୀ ବାର୍ ଆସୋସିଏଶନ୍‌ର ନିର୍ବାଚନ ସ୍ଥାନୀୟ କୋର୍ଟ ପରିସରରେ ପୂର୍ବାହ୍ନ ୮ଟାରୁ ଆରମ୍ଭ ହେବ। ଅପରାହ୍ନ ୪ଟା ପର୍ଯ୍ୟନ୍ତ ମତଦାନ ଚାଲିବ। ମତଦାନ ସରିବାର ଏକ ଘଣ୍ଟା ପରେ ଭୋଟ୍‌ଗଣତି ହୋଇ ନିର୍ବାଚନ ଫଳାଫଳ ଘୋଷଣା କରାଯିବ ବୋଲି ନିର୍ବାଚନ ଅଧିକାରୀ ଦାୟିତ୍ୱରେ ଥିବା ଆଇନ୍‌ଜୀବୀ ଅକ୍ଷାଂଶୁ ନାୟକ କହିଛନ୍ତି। ସଭାପତି ପଦବୀ ପାଇଁ ଆଲୋକ କୁମାର ମହାନ୍ତି ଓ ସାନୁଜ ମିଶ୍ର, ଉପସଭାପତି ପଦ ପାଇଁ ବିଶ୍ୱଜିତ୍ ପୋଦାର ଓ ଦିଲ୍ଲୀପ କୁମାର ସୁବୁଦ୍ଧି, ସମ୍ପାଦକ ପଦବୀ ପାଇଁ ଶରତଚନ୍ଦ୍ର ପାଇକରାୟ ଓ ସଞ୍ଜୟ କୁମାର ମହାପାତ୍ର ପ୍ରାର୍ଥୀ ହୋଇଛନ୍ତି। ଅନ୍ୟ ପଦବୀ ପାଇଁ ଜଣେ ଲେଖାଏ ପ୍ରାର୍ଥିପତ୍ର ଦାଖଲ କରିଥିବାରୁ ସେମାନେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ନିଶ୍ଚିତ ହୋଇଛି।

## ତୁରନ୍ତ କାର୍ଯ୍ୟାନୁଷ୍ଠାନ ହେଉ

କୋଣାର୍କ, ୧୧।୧୨(ଡି.ଏନ୍.ଏ)

- ସୂର୍ଯ୍ୟ ମନ୍ଦିର ପରିସରରୁ ବାଲି ଚୋରି ଘଟଣା
- କେନ୍ଦ୍ର ସଂସ୍କୃତି ମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରେରଣ

ସୂର୍ଯ୍ୟ ମନ୍ଦିର ପରିସରରୁ ବାଲି ଓ ପଥର ଚୋରି ଘଟଣାରେ କାର୍ଯ୍ୟାନୁଷ୍ଠାନ ପାଇଁ କୋଣାର୍କ ସୁରକ୍ଷା ସମିତି ଏବଂ ଆଞ୍ଚଳିକ ବିକାଶ ପରିଷଦ ଦାବି କରିଛି। ଏ ସଂକ୍ରାନ୍ତରେ ଏହି ଦୁଇ ଅନୁଷ୍ଠାନ ପକ୍ଷରୁ କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ସିଂ ପଟେଲ, ଧର୍ମେନ୍ଦ୍ର ପ୍ରଧାନ ଏବଂ ପ୍ରତାପ ଷଡ଼ଙ୍ଗୀଙ୍କ ସମେତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ ଦାବିପତ୍ର ପ୍ରେରଣ କରାଯାଇଛି। ଏଥିସହ ଏଏସ୍‌ଆଇ ଡିଜି, ସଂସ୍କୃତି ବିଭାଗ ସଚିବ, ଜିଲାପାଳ ଏବଂ ତହସିଲଦାରଙ୍କ ପାଖକୁ ଦାବିପତ୍ର ପଠାଯାଇଛି। ସୂର୍ଯ୍ୟମନ୍ଦିର ସୁରକ୍ଷା ଓ ସଂରକ୍ଷଣ ଆଳରେ ଏଏସ୍‌ଆଇ କର୍ମଚାରୀ ବିଭିନ୍ନ ଉପାୟରେ ବାଲି, ପଥର ଲୁଟ କରିଥିବା ଅଭିଯୋଗ ହୋଇଛି। ଏ ନେଇ ଗତ ୯ ତାରିଖରେ କୋଣାର୍କ ସୁରକ୍ଷା ସମିତି ଓ ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ କୋଣାର୍କଥାନାରେ ଏତଲା ଦିଆଯାଇଥିଲା। ଇତିମଧ୍ୟରେ ୩ଦିନ ବିତିଯାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ସୁରକ୍ଷା ସମିତି ଆବାହକ ଭାଗିରଥୀ ସ୍ୱାଇଁ ଏବଂ ଆଞ୍ଚଳିକ ବିକାଶ ପରିଷଦ ସଭାପତି ସୁବାସ ଚନ୍ଦ୍ର ନାୟକ କ୍ଷୋଭ ପ୍ରକାଶ କରିଛନ୍ତି। ଯଦି ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରା ନ ଯାଏ ତେବେ ଆସନ୍ତା ୧୫ ତାରିଖରେ ସୂର୍ଯ୍ୟ ମନ୍ଦିରରେ ତାଲା ପକାଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ମାଙ୍କଡ଼ା ଖଣିରେ ଚଢାଉ: ପାୱାରଟିଲର ଜବତ

ନିରାକାରପୁର,୧୧।୧୨(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲାରେ ଦିନକୁ ଦିନ ପଥର ମାଫିଆଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ଟାଙ୍ଗୀ ବନାଞ୍ଚଳରେ ମାଙ୍କଡ଼ା ପଥର ଓ ମୋରମ ଚାଲାଣ ଦିନୁକ ଦିନ ବୃଦ୍ଧି ପାଇବାରେ ଲାଗିଛି। ଶୁକ୍ରବାର ପୂର୍ବାହ୍ନରେ ଭୂଷଣ୍ଡପୁର ଫରେଷ୍ଟର ସିନ୍ଧୁ ଚରଣ ସିଂ ଏକ ଟିମ୍ ସହ ଗୋପୀନାଥପୁର ଗ୍ରାମର ଏକ ମାଙ୍କାଡ଼ା ଖଣିରେ ଚଢ଼ାଉ କରିଥିଲେ। ବନ କର୍ମଚାରୀଙ୍କୁ ଦେଖି ମାଫିଆମାନେ ଫେରାର ହୋଇଯାଇଥିଲେ। ପରେ ବନ କର୍ମଚାରୀ ଗୋଟିଏ ପାୱାର ଟିଲର ଜବତ କରିଥିଲେ।

## 'ଦରକାର ଥିଲେ ନେଇଯାଆନ୍ତୁ, ଅଧିକ ଥିଲେ ଦେଇଯାଆନ୍ତୁ'

ପିପିଲି, ୧୧।୧୨

ଉତ୍କଳମଣି ଯୁବମୋର୍ଚ୍ଚା ମାନବ କଲ୍ୟାଣ ଟ୍ରଷ୍ଟ ପକ୍ଷରୁ 'ଦରକାର ଥିଲେ ନେଇଯାଆନ୍ତୁ ଅଧିକ ଥିଲେ ଦେଇଯାଆନ୍ତୁ' କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହାକୁ ଶୁକ୍ରବାର ସାମାଜିକ କର୍ମୀ ମନୋଜ ପ୍ରଧାନ ଓ ପ୍ରଫୁଲ୍ଲ କୁମାର ସାହୁ ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ଏକ ଦାନବାକ୍ସ ରଖାଯାଇଛି ଯେଉଁଥିରେ ଲୋକେ ସଫା ଓ ବ୍ୟବହାର ଉପଯୋଗୀ ପୋଷାକ, ଶୀତ ବସ୍ତ୍ର, ଶୁଖିଲା ଖାଦ୍ୟ, ବହି, ଖାତା ଆଦି ଦାନ କରିପାରିବେ। ଗରିବ ତଥା ଅସହାୟ ଲୋକେ ଏଥିରୁ ଆବଶ୍ୟକ ସାମଗ୍ରୀ ନେଇ ବ୍ୟବହାର କରିପାରିବେ। ଏଥିସହ ଏଗୁଡ଼ିକୁ ଅସହାୟ ଲୋକଙ୍କୁ ବଣ୍ଟାଯିବ। ଉକ୍ତ କାର୍ଯ୍ୟକ୍ରମରେ ବିଶ୍ୱଜିତ ପଣ୍ଡା, ଗୌତମ ସାହୁ, ମନୋରଞ୍ଜନ ମହାରଣା, ତପୁ ବେହେରା ଓ ବିଶ୍ୱଜିତ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ଯୋଜନା ସମୀକ୍ଷା ସହ ଅଭିଯୋଗ ଶୁଣୁଛନ୍ତି ବିଧାୟକ



କାର୍ଯ୍ୟକ୍ରମରେ ବିଧାୟକ ରାଜେନ୍ଦ୍ର ସାହୁ ଓ ଅନ୍ୟ ଅତିଥି।

ଖୋର୍ଦ୍ଧା ଅଫିସ,୧୧।୧୨

ବେଗୁନିଆ ବ୍ଲକରେ ପଞ୍ଚାୟତ ନିର୍ବାଚନ ଏବଂ ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ ପାଳନ ନେଇ ଶୁକ୍ରବାର ସାରୁଅ ଗ୍ରାମର ମା' ବଘେଇ ଦେବୀ ମନ୍ଦିର ନିକଟରେ ବିଧାୟକ ରାଜେନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଜୁ ବାବୁ ସମୃଦ୍ଧ ଓଡିଶା ଏବଂ ସ୍ୱାଭିମାନ ଓଡ଼ିଶାର ସ୍ୱପ୍ନ ଦେଖିଥିଲେ। ବିଜୁ ବାବୁଙ୍କ ସ୍ୱପ୍ନର ସାକର କରିବାକୁ ହେଲେ ସମସ୍ତଙ୍କୁ ଆଗେଇ ଆସିବାକୁ ହେବ। ସାଙ୍ଗଠନିକ କାର୍ଯ୍ୟକୁ ସୁଦୃଢ଼ କରିବାକୁ ବିଧାୟକ ସାହୁ ପରାମର୍ଶ ଦେଇଥିଲେ। ଯୁବପିଢି ଦେଶର ମେରୁଦଣ୍ଡ। ନିଜ ଅଞ୍ଚଳର ବିକାଶମୂଳକ କାର୍ଯ୍ୟରେ ଭାଗିଦାରୀ ହେବାକୁ କହିଥିଲେ। ଏହି ଅବସରରେ ବିଧାୟକ ସାହୁ ବେଗୁନିଆ ଓ ବୋଲଗଡ଼ ବ୍ଲକର ବିଭିନ୍ନ ଉନ୍ନୟନମୂଳକ ଯୋଜନାର ସମୀକ୍ଷା କରିଥିଲେ। ଏହି ଦୁଇ ବ୍ଲକରେ ସରକାରଙ୍କ ସମସ୍ତ ଯୋଜନା କାର୍ଯ୍ୟକାରୀ କରିବା ସହ ବେଗୁନିଆ ନିର୍ବାଚନମଣ୍ଡଳୀକୁ ଆଦର୍ଶ ଭାବେ ଗଢ଼ି ତୋଳିବାକୁ ଉଦ୍ୟମ ଜାରି ରହିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜୁ ଯୁବ ଜନତା ଦଳ ସାଧାରଣ ସମ୍ପାଦକ ଅବ୍ୟକ୍ତ ହରିହର ଖାଡେଙ୍ଗା, ସତ୍ୟ ନାରାୟଣ ପ୍ରଧାନ, ଦିପ୍ତିରଞ୍ଜନ ସାହୁ, ଶୁଭକାନ୍ତ ମହାପାତ୍ର, ଟୁଟୁ ଶତପଥୀ, ତପନ ଚାନ୍ଦ, ମାଧବ ବଳିଆରସିଂ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଯେ, ଗତ ଏକ ମାସ ଧରି ବିଧାୟକ ସାହୁ ଏହି ଦୁଇ ବ୍ଲକର ବିଭିନ୍ନ ପଞ୍ଚାୟତ ବୁଲି ଉନ୍ନୟନମୂଳକ ଯୋଜନା ସମୀକ୍ଷା କରିବା ସହ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ଧାରଣା

ପୁରୀ ଅଫିସ, ୧୧।୧୨

**ତଦନ୍ତ ସହ ନ୍ୟାୟ ଦାବି କଲେ ପରିବାରବର୍ଗ**

ପୁରୀ ସହରରେ ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ଶୁକ୍ରବାର ଉତ୍ତେଜନା ପ୍ରକାଶ ପାଇଥିଲା। ଘଟଣାର ତଦନ୍ତ ସହ ନ୍ୟାୟ ଦାବିରେ ମୃତକଙ୍କ ପରିବାରବର୍ଗ ଓ ସମ୍ପର୍କୀୟମାନେ ପୁରୀ-କୋଣାର୍କ ରାସ୍ତାରେ ଧାରଣା ଦେଇଥିଲେ। ସିଟି ଡିଏସ୍‌ପି ପହଞ୍ଚି ବୁଝାଶୁଝା କରିଥିବାବେଳେ ପୁରୀ ତହସିଲଦାରଙ୍କ ଜରିଆରେ ଜିଲା ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଦିଆଯାଇଛି। ଅନ୍ୟପକ୍ଷରେ କେତେଜଣ ଧାରଣାକାରୀ ଏସ୍‌ପିଙ୍କୁ ଭେଟି ନ୍ୟାୟ ପାଇଁ ଗୁହାରି ଜଣାଇଥିଲେ।

ଅଭିଯୋଗ ଅନୁଯାୟୀ, ଲୋକନାଥ ରୋଡ୍‌ର ହାତୀଶାଳ ନିବାସୀ ବସନ୍ତ ଭୋଇଙ୍କ ପୁଅ ମାନସ ଗତ ୬ମାସ ହେଲା ବାଲିଘାଟ ନିଶା ନିବାରଣ କେନ୍ଦ୍ରରେ ଚିକିତ୍ସିତ ହେଉଥିଲେ। ଗତ ୭ତାରିଖରେ ଏହି କେନ୍ଦ୍ରରେ ସେ ଅସୁସ୍ଥ ହୋଇପଡ଼ିଲେ। କେନ୍ଦ୍ର କର୍ତ୍ତୃପକ୍ଷ ତାଙ୍କୁ ମେଡିକାଲକୁ ନେଇଥିଲେ। ପରେ ତାଙ୍କୁ ପୁଣି ଫେରାଇ ଅଣାଯାଇଥିଲା। ମାତ୍ର ତାଙ୍କ ଦେହ ସମ୍ପୂର୍ଣ୍ଣ ସୁସ୍ଥ ନ ଥିଲା। ଏ ସଂକ୍ରାନ୍ତରେ ଏକ ଭିଡିଓରୁ ଜଣାପଡ଼ିଥିଲା। ଏଥିସହ ସେମାନେ ଟଙ୍କା ଦେଇ ନ ପାରିବାରୁ ମାନସଙ୍କ ଚିକିତ୍ସା ଠିକ୍ ଭାବେ କରାଗଲା ନାହିଁ ଓ ୮ତାରିଖରେ ତାଙ୍କର ମୃତ୍ୟୁ ଘଟିଲା ବୋଲି ପରିବାରବର୍ଗ ଅଭିଯୋଗ କରିଛନ୍ତି। ସେହିପରି ଗତ ୭ ତାରିଖରେ ପୁଅ ଅସୁସ୍ଥତା ଖବର ପାଇ ସେ ହସ୍ପିଟାଲ ଯାଇଥିଲେ ମଧ୍ୟ ସେଠାରେ ପୁଅ ଦେଖା ମିଳି ନ ଥିଲା ବୋଲି ବସନ୍ତ ଅଭିଯୋଗ କରିଛନ୍ତି।




ମୃତକଙ୍କ ପରିବାର ଓ ସମ୍ପର୍କୀୟମାନେ ରାସ୍ତାରେ ଧାରଣା ଦେଇଛନ୍ତି।

## କୋଣାର୍କ ଓକିଲ ସଂଘର ନିର୍ବାଚନ

କୋଣାର୍କ,୧୧।୧୨(ଡି.ଏନ୍.ଏ.)

ରାଜ୍ୟ ବାର୍ କାଉନସିଲର ନିର୍ଦ୍ଦେଶକ୍ରମେ ସମଗ୍ର ରାଜ୍ୟରେ ଥିବା ଓକିଲ ସଂଘର ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଯାଇଛି। ଏହି କ୍ରମରେ କୋଣାର୍କ ଓକିଲ ସଂଘର କର୍ମକର୍ତ୍ତା ଚୟନ ପ୍ରକ୍ରିୟା ଗତ ୨୪ତାରିଖଠାରୁ ଆରମ୍ଭ ହୋଇଛି। ନିର୍ବାଚନ ଅଧିକାରୀ ସଚିକାନ୍ତ ମିଶ୍ରଙ୍କ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ସଂଘର ସମସ୍ତ ପଦବୀ ପାଇଁ ପ୍ରାର୍ଥୀମାନେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସଭାପତି ଭାବେ ଶ୍ରୀଜୟ ବରାଳ ପୁନର୍ବାର ନିର୍ବାଚିତ ହୋଇଥିବା ବେଳେ ସାଧାରଣ ସମ୍ପାଦକ ଭାବେ ଅଶୋକ ବିଶ୍ୱାଳ, ଉପସଭାପତି ତପନ ପଟ୍ଟନାୟକ, ଯୁଗ୍ମସମ୍ପାଦକ ଭାବେ ଭଗବାନ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ବେହେରା, ଭାବଗ୍ରାହୀ ସ୍ୱାଇଁ, ସବିତା ମିଶ୍ର, କୋଷାଧ୍ୟକ୍ଷ ଭାବେ ପ୍ରଦୀପ୍ତ ପାତ୍ର ପ୍ରମୁଖ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟନିର୍ବାହୀ କମିଟିକୁ ସତ୍ୟଭାମା ରଥ, ବେଣୁଧର ସେଠୀ, ବନିତା ପାତ୍ର, ରାଜନନ୍ଦିନୀ ମହାପାତ୍ର ଓ ଅଜୟ ସେଠୀ ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ଶାନ୍ତିଶୃଙ୍ଖଳାରେ ନିର୍ବାଚନ ପ୍ରକ୍ରିୟା ସମାପ୍ତ କରିଥିବାରୁ ନିର୍ବାଚନ ଅଧିକାରୀ ସମସ୍ତ ସଭ୍ୟଙ୍କୁ ଧନ୍ୟବାଦ ଦେଇଛନ୍ତି।

## ମହିଳାଙ୍କୁ ମାଡ଼ ଘଟଣା, ଆଉ ୨ ଗିରଫ

ଡେଲାଙ୍ଗ,୧୧।୧୨(ଡି.ଏନ୍.ଏ.)

ଡେଲାଙ୍ଗ ଥାନା ଅଧୀନ ହରିରାଜପୁର ଫାଣ୍ଡି ଅଞ୍ଚଳରେ ଜମିବାଡ଼ିକୁ କେନ୍ଦ୍ରକରି ଜଣେ ମହିଳାଙ୍କୁ ଘୋଷାରି ଗାଁ ମଝିରେ ମାଡ଼ ମାରିବା ଘଟଣାରେ ପୋଲିସ ଶୁକ୍ରବାର ଆଉ ୨ ଜଣକୁ ଗିରଫ କରିଛି। ସେମାନେ ହେଲେ, ଉକ୍ତ ଗ୍ରାମର ରତିକାନ୍ତ ପାତ୍ର ଓ ପ୍ରଶାନ୍ତ କୁମାର। ସୂଚନା ଥାଉ କି, ଜମିବାଡ଼ିକୁ କେନ୍ଦ୍ରକରି ଗତ ୩୦ ତାରିଖରେ ହରିରାଜପୁର ଗ୍ରାମର କବିତା ପ୍ରଧାନ ଓ ତାଙ୍କ ପଡ଼ୋଶୀ ମଧ୍ୟରେ ପାଟିତୁଣ୍ଡ ହୋଇଥିଲେ। ଏଥିରେ ପଡ଼ୋଶୀ ଲୋକେ ଉତ୍ତ୍ୟକ୍ତ ହୋଇ କବିତାଙ୍କୁ ଘରୁ ଘୋଷାରି ଆଣି ଏକ ଠେଙ୍ଗାରେ ଆକ୍ରମଣ କରିଥିଲେ। ଏହାର ଏକ ଭିଡିଓ ଭାଇରାଲ ହୋଇଥିଲା।

## ମଙ୍ଗଳା ମନ୍ଦିର ଖୋଲିବାକୁ ଦାବି

କାକଟପୁର,୧୧।୧୨(ଡି.ଏନ୍.ଏ.)

କରୋନା ଯୋଗୁ ଦୀର୍ଘ ୯ ମାସ ହେବ ମଙ୍ଗଳା ମନ୍ଦିର ସ୍ଥାନ ବନ୍ଦ ରହିଛି। କଟକଣା ଭିତ୍ତିରେ ଏହାକୁ ଖୋଲିବାକୁ ଦାବି ହୋଇଛି। ମନ୍ଦିର ଉପରେ ନିର୍ଭର କରୁଥିବା ଶହ ଶହ ସେବାୟତ ପରିବାରଙ୍କ ସମେତ ଦୋକାନୀ, ଅଟୋଚାଳକ ପ୍ରମୁଖ ପ୍ରଭାବିତ ହୋଇଛନ୍ତି। ସମସ୍ତଙ୍କ ଆର୍ଥିକ ସ୍ଥିତି ଦୁର୍ବଳ ହେବାରେ ଲାଗିଛି। ତେଣୁ ସାମୂହିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ମନ୍ଦିର ତୁରନ୍ତ ଖୋଲାଯାଉ ବୋଲି ବହୁ ଶ୍ରଦ୍ଧାଳୁ ଦାବି କରିଛନ୍ତି।

# ଧାନ ଅମଳ ସମୟରେ ହାତୀ ଭୟ

ଖୋର୍ଦ୍ଧା ଅଫିସ,୧୧।୧୨

- ଜରିପୁଟ ପରେ ରାମେଶ୍ୱରରେ ହାତୀ
- ରାତିରେ ପାଳି କରି ଜଗୁଛନ୍ତି ଚାଷୀ

ଚନ୍ଦକା ଅଞ୍ଚଳରୁ ଚାଲିଆସିଥିବା ଏକ ୨୮ଟିକିଆ ହାତୀପଲ ଖୋର୍ଦ୍ଧା ବନଖଣ୍ଡରେ ରହି ଚାଷୀଙ୍କ ପାଇଁ ଚିନ୍ତାର କାରଣ ସାଜିଛନ୍ତି। ଦୈନିକ ଖାଦ୍ୟ ଅନ୍ୱେଷଣରେ ହାତୀପଲ ଗାଁ ମୁହାଁ ହୋଇ ଚାଷୀଙ୍କ ଫସଲ ଖାଇବା ସହ ଦଳି ନଷ୍ଟ କରୁଛନ୍ତି। ଗତ କିଛି ମାସ ହେଲା ଖୋର୍ଦ୍ଧା ଓ ଟାଙ୍ଗୀ ବନାଞ୍ଚଳରେ ଏହି ହାତୀପଲଙ୍କ ଉପଦ୍ରବ ଦେଖିବାକୁ ମିଳିଛି। ସ୍ୱଳ୍ପ ବୃଷ୍ଟି, ଜଳବାୟୁ ପରିବର୍ତ୍ତନ ଏବଂ ଲଘୁଚାପଜନିତ ବନ୍ୟା ଯୋଗୁ ଚାଷୀ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଏବେ ଧାନ ଅମଳ ସମୟରେ ଏହି ହାତୀପଲ ଦାଉ ସାଧୁଛନ୍ତି। ଫଳରେ ଧାନ କ୍ଷେତକୁ ହାତୀ ଦାଉରୁ ବଞ୍ଚାଇବା ଲାଗି ଚାଷୀ ଏବେ ପାଳି କରି ରାତିରେ କ୍ଷେତରେ ମଞ୍ଚା କରି ଜଗୁଥିବା କେତେଜଣ ଚାଷୀ କହିଛନ୍ତି। ଜରିପୁଟ ଗ୍ରାମରେ କିଛିଦିନ ଏହି ହାତୀପଲ ଧାନ ଖାଇବା ପରେ ଏବେ ରାମେଶ୍ୱର ପଟେ ଯାଇଥିବା ଜଣାପଡ଼ିଛି। ହାତୀଙ୍କୁ ନିୟନ୍ତ୍ରଣ ଲାଗି ବନ ବିଭାଗକୁ ବାରମ୍ବାର ଅଭିଯୋଗ ସତ୍ତ୍ୱେ ବିଭାଗୀୟ କର୍ତ୍ତୃପକ୍ଷ ନୀରବଦ୍ରଷ୍ଟା ସାଜିଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ସୂଚନାନୁଯାୟୀ, ଖୋର୍ଦ୍ଧା ବନାଞ୍ଚଳ ଅନ୍ତର୍ଗତ ଜରିପୁଟ, ଦଲେଇପୁଟ, ପାନବରଜ, ଦେଉଳଟାଙ୍ଗି, କାଇପଦର, ବେରୁଆଁ, ଶରଧାପୁର ଭଳି ଅନେକ ଗ୍ରାମରେ ହାତୀ ଉପଦ୍ରବ ଲାଗି ରହିଛି। ଜରିପୁଟ ଗ୍ରାମର ଚିତ୍ତରଞ୍ଜନ ସାମନ୍ତରାୟ ଓ ମନୋରଞ୍ଜନ ସାମନ୍ତରାୟଙ୍କ ୪ ଏକର ଚାଷଜମିରେ ଧାନ ଫସଲ ହାତୀ ନଷ୍ଟ କରିଥିବା କହିଛନ୍ତି। ଗ୍ରାମର କାଶୀନାଥ ଜଗଦ୍ଦେବ, ନଳିନିକାନ୍ତ ଛୋଟରାୟ, ଶିବଶଙ୍କର ଦାସ, ସୁକାନ୍ତ ଛୋଟରାୟ, ଶିବ ଚମ୍ପତି ପ୍ରମୁଖଙ୍କ ଏକର ଏକର ଧାନଫସଲ ଖାଇଯାଇଥିବା କହିଛନ୍ତି। ଉଲ୍ଲେଖ ଥାଉ କି, ହାତୀ ମଣିଷ ଲଢ଼େଇରେ ୮ହାତୀଙ୍କ ମୃତ୍ୟୁ ଘଟିଥିବାବେଳେ ୨୧ଜଣଙ୍କ ଜୀବନ ଯାଇଥିବା ବନ ବିଭାଗ ସୂତ୍ରରୁ ପ୍ରକାଶ। ଏହି ଅଞ୍ଚଳରେ ହାତୀଙ୍କ ସୁରକ୍ଷା ଏବଂ ସଂରକ୍ଷଣ ଲାଗି ବନ ବିଭାଗ ପକ୍ଷରୁ କୌଣସି ତତ୍ପରତା ପ୍ରକାଶ ପାଉନାହିଁ। ବନ ବିଭାଗର ଅପାରଗତା, ଦାୟିତ୍ୱହୀନତା ଏଥିଲାଗି ଦାୟୀ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏ ନେଇ ଅତିରିକ୍ତ ବନ ସଂରକ୍ଷକ ଗୌରଗୋପାଳ ସ କହିଛନ୍ତି, ହାତୀପଲ ନିୟନ୍ତ୍ରଣ ଲାଗି ଏକ ସ୍କ୍ୱାଡ୍ ହାତୀ ଚଳାବୁଲା କରୁଥିବା ଅଞ୍ଚଳରେ ପଇଁତରା ମାରୁଛନ୍ତି। ହାତୀ ଫସଲ ନଷ୍ଟ କରୁଥିବା ନେଇ ଅଭିଯୋଗ ଆସିଲେ, ତଦନ୍ତ କରାଯାଇ ଉପଯୁକ୍ତ କ୍ଷତିପୂରଣ ଦିଆଯିବ।

**୨୯ରେ ରାଜ୍ୟସ୍ତରୀୟ ଶିଶୁ ଅନନ୍ତ ଜୟନ୍ତୀ**

ବାଲିପାଟଣା,(ଡି.ଏନ୍.ଏ.): ଆସନ୍ତା ୨୯ ତାରିଖରେ ରାଜ୍ୟସ୍ତରୀୟ ଶିଶୁ ଅନନ୍ତ ଜୟନ୍ତୀ ବାଲିପାଟଣାଠାରେ ଅନୁଷ୍ଠିତ ହେବ। ଆଧାତ୍ମିକ ଗବେଷଣା ପାଇଁ ପ୍ରବଚକ ପ୍ରମୋଦ କୁମାରଙ୍କୁ ଶିଶୁ ଅନନ୍ତ ପୁରସ୍କାର, କବି ଡ. ଫନୀ ମହାନ୍ତିଙ୍କୁ ବାଲିପାଟଣା ଗୌରବ, ଖବରଦାତା ସୁରେଶ ସ୍ୱାଇଁଙ୍କୁ ସାମ୍ବାଦିକ ଗୌରବ, ବାବା ଦାମୋଦର ଦାସଙ୍କୁ ସନ୍ଥ ମଧୁସୂଦନ ଦାସ ସମ୍ମାନ, ଛାତ୍ରୀ ସାଇଶ୍ରୁତି ଦାସଙ୍କୁ ନଦିଆ ବିହାରୀ ମହାନ୍ତି ସମ୍ମାନରେ ସମ୍ମାନିତ କରାଯିବ ବୋଲି ଶିଶୁଅନନ୍ତ ସ୍ମୃତି ସଂସଦ ସମ୍ପାଦିକା ତନୟାଦାସ ଗୋସ୍ୱାମୀ କହିଛନ୍ତି।

## ସଂକ୍ଷେପରେ

### ଓଡ଼ିଶା ସାହିତ୍ୟ ଏକାଡେମୀ ସାଧାରଣ ପରିଷଦର ୮ ନୂଆ ସଦସ୍ୟ

**ଭୁବନେଶ୍ୱର, ୧୧।୧୨(ବ୍ୟୁରୋ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନ ଓଡ଼ିଶା ସାହିତ୍ୟ ଏକାଡେମୀର ସାଧାରଣ ବୈଠକ ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ୮ଜଣଙ୍କୁ ଏକାଡେମୀର ସାଧାରଣ ପରିଷଦର ନୂତନ ସଦସ୍ୟମାନେ ମନୋନୀତ କରାଯାଇଛି। ସେମାନେ ହେଲେ ପୂର୍ଣ୍ଣଚନ୍ଦ୍ର ବହଳୀ, ଚନ୍ଦ୍ରଶେଖର ହୋତା, ଡ. ନୃସିଂହ ଚରଣ ଷଡ଼ଙ୍ଗୀ, ଡ. ସୁନୀତ୍ ମୁଣ୍ଡ, ଅତୁଲ ବଳ, ରାଜୀବ ପାଣି, ଡ. ଶରତ କୁମାର ଜେନା ଓ ସୁରେଶ କୁମାର ନାୟକ। ଏକାଡେମୀ ସଚିବ ଓ ସଭାପତିଙ୍କ ସମେତ ୪୮ଜଣ ପରିଷଦର ସଦସ୍ୟଙ୍କ ଉପସ୍ଥିତିରେ ସେମାନଙ୍କୁ ଚୟନ କରାଯାଇଥିଲା। ଗତ ଜୁଲାଇ ୭ରେ ଏକାଡେମୀର ସାଧାରଣ ପରିଷଦ ପୁନର୍ଗଠନ କରାଯାଇଥିବାବେଳେ ଗତ ୨୪ ତାରିଖରୁ ନୂତନ ସାଧାରଣ ପରିଷଦ କାର୍ଯ୍ୟକାରୀ ହୋଇଥିଲା। ଏବେ ୮ଜଣ ନୂଆ ସଦସ୍ୟଙ୍କୁ ପାଇବା ପରେ ଏକାଡେମୀର ସାଧାରଣ ପରିଷଦ ସମ୍ପୂର୍ଣ୍ଣ ହୋଇଛି ବୋଲି ଏକାଡେମୀ ସଚିବ ସୁଚିସ୍ମିତା ମନ୍ତ୍ରୀ ସୂଚନା ଦେଇଛନ୍ତି। ବୈଠକରେ ଏକାଡେମୀ ସଭାପତି ହରିହର ମିଶ୍ର, ସଂସ୍କୃତି ବିଭାଗ ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ରଞ୍ଜନ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ।

### ଭଦ୍ରକ ବିଧାୟକଙ୍କ ଇଙ୍ଗିତରେ ଆକ୍ରମଣ ହୋଇଥିବା କଂଗ୍ରେସର ଅଭିଯୋଗ

**ଭୁବନେଶ୍ୱର,(ବ୍ୟୁରୋ)/ଭଦ୍ରକ ଅଫିସ୍,୧୧।୧୨:** ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ଗତ ଗୁରୁବାର କଂଗ୍ରେସ ୧୨ ଘଣ୍ଟିଆ ବନ୍ଦ ଡାକରା ଦେଇଥିଲା। ତେବେ ଏହି ବନ୍ଦ ପାଳନବେଳେ ଭଦ୍ରକ ଜିଲା ଛାତ୍ର କଂଗ୍ରେସ ନେତା ହେମନ୍ତ ମହାପାତ୍ରଙ୍କ ଉପରେ ଆକ୍ରମଣ ହୋଇଥିଲା। ଏଥିପାଇଁ କଂଗ୍ରେସ ସିଧାସଳଖ ଭଦ୍ରକ ବିଧାୟକଙ୍କୁ ଦାୟୀ କରିଛନ୍ତି। ଏନେଇ ଭୁବନେଶ୍ୱରସ୍ଥିତ ରାଜ୍ୟ କଂଗ୍ରେସ ଭବନରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ କହିଛନ୍ତି, କଂଗ୍ରେସର ବନ୍ଦ ପାଳନ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଥିଲା। ଭଦ୍ରକବାସୀ ସହଯୋଗ କରିବାରୁ ବନ୍ଦ ସଫଳ ହୋଇଥିଲା। ଏହାକୁ ବିଜେଡି ବିଧାୟକ ସଞ୍ଜୀବ ମଲ୍ଲିକ ସହ୍ୟ କରି ନ ପାରି କର୍ମୀଙ୍କୁ ଲଗାଇ ମରଣାନ୍ତକ ଆକ୍ରମଣ କରିଛନ୍ତି। ଏହାକୁ ଛାତ୍ର କଂଗ୍ରେସ ବିରୋଧ କରୁଛି ଓ ଆକ୍ରମଣରେ ସମ୍ପୃକ୍ତ ବିଜେଡି କର୍ମୀ ଓ ବିଧାୟକଙ୍କୁ ଗିରଫ ପାଇଁ ରାଜ୍ୟ ଛାତ୍ର କଂଗ୍ରେସ ଦାବି କରିଛି। ଅନ୍ୟପକ୍ଷରେ ବିଧାୟକ ମଲ୍ଲିକ ଭଦ୍ରକସ୍ଥିତ ବାସଭବନରେ ଖବରଦାତା ସମ୍ମିଳନୀ ଡାକି କହିଛନ୍ତି ଯେ, କଂଗ୍ରେସ ନେତାଙ୍କ ଉପରେ ଆକ୍ରମଣ ଘଟଣା ମିଥ୍ୟା। ଓଲଟା ସେମାନେ ମୋର କୁଶପୁତ୍ତଳିକା ଦାହ କରିଛନ୍ତି। ମେଡିକାଲ କଲେଜ ପ୍ରତିଷ୍ଠା ଦାବିଠାରୁ ଦୂରେଇ ରହି ବ୍ୟକ୍ତିଗତ ସ୍ତରକୁ ଆସି କଂଗ୍ରେସ ମୋତେ ବଦ୍‌ନାମ କରିବା ପାଇଁ ହୀନ ରାଜନୀତି କରୁଛି। ସେ ସବୁବେଳେ ଭଦ୍ରକର ବିକାଶ ପାଇଁ ଚେଷ୍ଟା କରିଆସୁଛନ୍ତି ବୋଲି କହିଛନ୍ତି।

### ଦୁର୍ଘଟଣାରେ ଯୁବତୀ ମୃତ

**କଟକ ସଦର,୧୧।୧୨(ଡି.ଏନ୍.ଏ.):** କଟକ-ପାରାଦୀପ ରାସ୍ତାର ଗଡ଼ମା ବଜାର ଠାରେ ଶୁକ୍ରବାର ଏକ ବାଇକ୍ ଓଲଟି ପଡ଼ିବାରୁ ଜଣେ ଯୁବତୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ ପାରାଦୀପ ଲକ୍ ଥାନା ଭୂତମୁଣ୍ଡେଇର ସାନୁ ଦାସ। ଏଥିରେ ବାଇକ୍ ଚାଳକ ସରୋଜ ପରିଡ଼ା ଗୁରୁତର ହୋଇଛନ୍ତି। ସାନୁ ଓ ସରୋଜ ବାଇକ୍‌ରେ ଘରକୁ ଫେରୁଥିବାବେଳେ ହଠାତ ଜଣେ ଲୋକ ଗାଡ଼ି ଆଗକୁ ଚାଲି ଆସିଥିଲେ। ଫଳରେ ସରୋଜ ବ୍ରେକ୍ ଦେବାରୁ ଉଭୟ ତଳେ ପଡ଼ିଯାଇଥିଲେ।

# ରାଜଧାନୀରେ ପୁଣି ଗୁଳି

## ଜେଲ ଫେରନ୍ତାଙ୍କୁ ରାସ୍ତାରେ ଗୋଡ଼ାଇ ଗୁଳି କଲେ

**ଭୁବନେଶ୍ୱର,୧୧।୧୨(ବ୍ୟୁରୋ)**

ରାଜଧାନୀରେ ପୁଣି ଗୁଳି ଫୁଟିଛି। ସ୍ୱଷ୍ଟ ଦିବାଲୋକରେ ୩ଜଣ ଦୁର୍ବୃତ୍ତ ସଞ୍ଜୟ ଖୁଣ୍ଟିଆ ନାମକ ଜଣେ ବ୍ୟକ୍ତିଙ୍କୁ ରାସ୍ତାରେ ଗୋଡ଼ାଇ ଗୋଡ଼ାଇ ଗୁଳି କରିଛନ୍ତି। ୪ ରାଉଣ୍ଡ୍ ଗୁଳି ଫୁଟିଥିବାବେଳେ ସବୁ ଲକ୍ଷ୍ୟଚ୍ୟୁତ ହେବାରୁ ସେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଶୁକ୍ରବାର ସକାଳେ ତମାଣ୍ଡୋ ଥାନା ଅନ୍ତର୍ଗତ କଳିଙ୍ଗନଗର କେ-୪ ଲକ୍ଷ୍ମୀ ମଣ୍ଡପ ନିକଟରେ ଏହି ଘଟଣା ଘଟିଛି। ଦୁର୍ବୃତ୍ତମାନେ ଏଭଳି ଆତଙ୍କ ଖେଳାଇ କମିଶନରେଟ ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଖୋକା ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗୁଳିକାଣ୍ଡ ଘଟିଥିବା ପୋଲିସ କହୁଥିବାବେଳେ ରାତି ସୁଦ୍ଧା ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇପାରିନି।

ଡୁମୁଡୁମା ଅଞ୍ଚଳରେ ୨୦୧୪ ସୋନୁ ଓରଫ କୃତିବାସ ପରିଡା ହତ୍ୟା ମାମଲାରେ ସଞ୍ଜୟ ମୁଖ୍ୟ ଅଭିଯୁକ୍ତ ଥିଲେ। ଧାର ଟଙ୍କାକୁ କେନ୍ଦ୍ରକରି ସୋନୁ ତାଙ୍କ ବନ୍ଧୁଙ୍କୁ ହତ୍ୟା କରି ଶରୀରକୁ ଖଣ୍ଡଖଣ୍ଡ କରି ଫିଙ୍ଗି ଦେଇଥିଲେ। ସେହିବର୍ଷ ନଭେମ୍ବର ୨୨ରେ ପୋଲିସ ସଞ୍ଜୟ ଓ ତା'ର ସହଯୋଗୀଙ୍କୁ ଗିରଫ କରିଥିଲା। ସେବେଠାରୁ ଜେଲ୍‌ରେ ଥିବା ସଞ୍ଜୟ କିଛିଦିନ ତଳେ ଜାମିନରେ ଆସିବା ପରେ ଦୁଇମାସ ହେବ କଳିଙ୍ଗନଗର କେ-୪ରେ ଘର ଭଡ଼ା ନେଇ ରହୁଛନ୍ତି। ଶୁକ୍ରବାର ସକାଳ ପ୍ରାୟ ୮ଟା ୪୫ରେ ସଞ୍ଜୟ କଳିଙ୍ଗବିହାର ଲକ୍ଷ୍ମୀ ମଣ୍ଡପ ନିକଟରେ ଯାଉଥିଲେ। ଏହି ସମୟରେ ୩ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ତାଙ୍କୁ ଲକ୍ଷ୍ୟ କରି ଗୁଳି କରିଥିଲେ। ଏହାଦେଖି ସଞ୍ଜୟ ପ୍ରାଣ ବିକଳରେ ରାସ୍ତାରେ ଦୌଡ଼ିଥିଲେ। ଦୁର୍ବୃତ୍ତମାନେ ଗୋଡ଼ାଇ ଗୋଡ଼ାଇ ତାଙ୍କ ଉପରକୁ ଗୁଳି କରିଥିଲେ। ଦୌଡ଼ିବା ଭିତରେ କୌଣସିଟି ଗୁଳି ସଞ୍ଜୟଙ୍କ ଦେହରେ ବାଜି ନ ଥିଲା। କିଛି ବାଟ ଦୌଡ଼ିବା ପରେ ସଞ୍ଜୟ ଜଣେ ବ୍ୟକ୍ତିଙ୍କ ଘର ଭିତରକୁ ପଶିଯିବାରୁ ଦୁର୍ବୃତ୍ତମାନେ ପଳାଇଥିଲେ। ତେବେ ଜଣେ ଜେଲ୍ ଫେରନ୍ତାଙ୍କୁ ଅପରାଧୀମାନେ ଟାର୍ଗେଟ କରିବା ଘଟଣାକୁ କମିଶନରେଟ ପୋଲିସ ଗୁରୁତ୍ୱର ସହ ନେଇ ଅଧିକ ଖୋଳତାଡ଼ ଚଳାଇଛି। ସୂଚନାଯୋଗ୍ୟ, ଗତ ମାର୍ଚ୍ଚ ୪ରେ ବାରଙ୍ଗସ୍ଥିତ ଜଙ୍ଗଲଭ୍ୟୁ ରେଷ୍ଟୁରାଣ୍ଟରେ ଖାଉଥିବାବେଳେ ଜଣେ ଛାତ୍ରଙ୍କ ଉପରକୁ ଗୁଳିମାଡ଼ ହୋଇଥିଲା। ମାର୍ଚ୍ଚ ୮ରେ ଆଇଗିଣିଆରେ ୩ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ଜଣେ ବ୍ୟକ୍ତିଙ୍କୁ ଗୁଳିକରି ଫେରାର ହୋଇଯାଇଥିଲେ। ଏହି ଦୁଇ ଘଟଣାରେ ଉଭୟ ଗୁରୁତର ଆହତ ହୋଇଥିଲେ। ଏହାପରେ ଭାଲେଣ୍ଟାଇନ୍ସ ଡେ'ରେ ଏକ ଘରେ ପ୍ରେମୀଯୁଗଳ ବନ୍ଧୁକ ସହ ଖେଳୁଥିବାବେଳେ ଗୁଳି ଫୁଟିଥିଲା।



ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ପ୍ରତିବାଦରେ ସିପିଆଇ ପକ୍ଷରୁ ଶୁକ୍ରବାର ଭୁବନେଶ୍ୱର ରାଜମହଲ ଛକରେ ଅଭିନବ ପ୍ରତିବାଦ କରାଯାଇଛି।

## ୧୩ରୁ କୋଣାର୍କରେ ଲାଇଟ୍ ଆଣ୍ଡ୍ ସାଉଣ୍ଡ୍ ଶୋ ଆରମ୍ଭ

**ଭୁବନେଶ୍ୱର,୧୧।୧୨(ବ୍ୟୁରୋ)**

କୋଣାର୍କ ସୂର୍ଯ୍ୟ ମନ୍ଦିରରେ ଆସନ୍ତା ୧୩ତାରିଖରୁ ପୁଣି ଲାଇଟ୍ ଆଣ୍ଡ୍ ସାଉଣ୍ଡ୍ ଶୋ ଆରମ୍ଭ ହେବ। କେରୋନା ମହାମାରୀ ଯୋଗୁ ଗତ ୯ ମାସ ହେବ ଏହା ବନ୍ଦ ରହିଥିଲା। ବନ୍ଦ ଯୋଗୁ ପ୍ରୋଜେକ୍ଟର, ବ୍ୟାଟେରି, ଚେୟାର ଏବଂ ହେଡ୍‌ଫୋନ୍ ପାଇଁ ଆବଶ୍ୟକ ମରାମତି କାର୍ଯ୍ୟ ଆରମ୍ଭ ହୋଇଯାଇଛି। ଲାଇଟ୍ ଆଣ୍ଡ୍ ସାଉଣ୍ଡ୍ ଶୋ ପାଇଁ ଟିକେଟ୍ ମୂଲ୍ୟ ୫୦ଟଙ୍କା ଧାର୍ଯ୍ୟ କରାଯାଇଛି। ପର୍ଯ୍ୟଟକମାନେ 'ମୁଖଶାଳା' ଓ 'ନାଟ୍ୟ ମନ୍ଦିର' ସାମ୍ନାରେ ୮ଟି ଅଲ୍ଟ୍ରା-ମର୍ଡନ ପ୍ରୋଜେକ୍ଟର୍ ମାଧ୍ୟମରେ ଏହି ଶୋ'କୁ ଦେଖିପାରିବେ। ପର୍ଯ୍ୟଟକଙ୍କୁ 'ବ୍ଲାକ୍ ପାଗୋଡ଼ା'ର ସମୃଦ୍ଧ ଇତିହାସ ବିଷୟରେ ଅବଗତ କରାଇବା ପାଇଁ ୪୦ ମିନିଟ୍‌ର ଏହି ଶୋ ଓଡ଼ିଆ, ହିନ୍ଦୀ ଏବଂ ଇଂଲିଶ୍ ଭାଷାରେ ଉପସ୍ଥାପିତ ହେବ।

# ୨ ଶହ ଗ୍ରାମ ସୁନା, ୧୦ କିଲୋ ରୁପା ଅଳଙ୍କାର ଲୁଟ୍

**ରାଜନଗର, ୧୧।୧୨(ଡି.ଏନ.ଏ.)**

ରାଜନଗର ଥାନା ଅଧୀନ ସାନବଡ ଗୋପାଳପୁର ବୀଣାପାଣି ବଜାରରେ ଶୁକ୍ରବାର ସକାଳ ପ୍ରାୟ ୯ଟା ସମୟରେ ଏକ ବଡ ଧରଣର ଲୁଟ୍ ଘଟଣା ଘଟିଛି। ଜନଗହଳି ପୂର୍ଣ୍ଣ ବଜାରରୁ ଦୁର୍ବୃତ୍ତମାନେ ଅତି ଚତୁରତାର ସହିତ ୨ଶହ ଗ୍ରାମ ଓଜନର ସୁନା ଅଳଙ୍କାର ଓ ୧୦ କେଜି ରୁପା ଅଳଙ୍କାର ଲୁଟି ନେଇଛନ୍ତି। ଗାଁରେ ବୁଲି ସୁନା ଓ ରୁପା ଅଳଙ୍କାର ବିକ୍ରି କରୁଥିବା ଜଣେ ବ୍ୟବସାୟୀ ଏପରି ଲୁଟ୍‌ର ଶିକାର ହୋଇଛନ୍ତି।

ସୂଚନା ଅନୁଯାୟୀ, ପଟ୍ଟାମୁଣ୍ଡାଇ ଥାନା ଅଧୀନ ବଡ଼ପାଟଣାଗାଁର ପୂର୍ଣ୍ଣ ଚନ୍ଦ୍ର ସାହୁ ସାନବଡ ଗୋପାଳପୁରଛକରେ ଥିବା ଶ୍ରୀରାମ ଜୁଏଲର୍ସକୁ ଯାଇଥିଲେ। ଜୁଏଲର୍ସ ସମ୍ମୁଖରେ ଲୁନା ରଖି ଭିତରକୁ ପ୍ରବେଶ କରିଥିଲେ। କେହି ଦୁର୍ବୃତ୍ତ ତାଙ୍କ ଲୁନାରେ ବନ୍ଧା ହୋଇଥିବା ଏକ ବ୍ୟାଗ୍ କାଟି ନେଇ ଫେରାର ହୋଇଯାଇଥିଲେ। ସେଥିରେ ଉପରୋକ୍ତ ସୁନା,ରୁପା ଅଳଙ୍କାର ଥିଲା ବୋଲି ତାଙ୍କ ପୁଅ ଥାନାରେ ଅଭିଯୋଗ କରିଛନ୍ତି। ନିକଟରେ ଲାଗିଥିବା ଏକ ସିସିଟିଭି ଫୁଟେଜରେ ଜଣେ ଯୁବକ ଲୁନା ପାଖକୁ ଚାଲିଚାଲି ଆସି ଛିଡା ହେଉଛନ୍ତି। ସେ ସବୁ ଆଡକୁ ଲକ୍ଷ୍ୟ କରି ଲୁନାରୁ ବ୍ୟାଗକୁ କାଟି ଚାଲି ଯାଉଥିବା ଦେଖିବାକୁ ମିଳିଛି। ଏହାର କିଛି ସମୟ ପରେ ସେ ଏକ ବାଇକ୍‌ରେ ଫେରାର ହେଇଯାଇଥିଲେ। ପୋଲିସ ତନାଘନା ଜାରି ରଖିଛି ବୋଲି ସବ୍‌ଇନ୍ସପେକ୍ଟର ଅଜୟ କୁମାରସାହୁ ସୂଚନା ଦେଇଛନ୍ତି।

**ସିସିଟିଭିରେ ଲୁଟ୍‌ର ଦୃଶ୍ୟ**



# ଆଇଏମ୍‌ଏର କାର୍ଯ୍ୟବନ୍ଦ ଆନ୍ଦୋଳନ

**କଟକ ଅଫିସ,୧୧।୧୨**

ଆୟୁଷ ମନ୍ତ୍ରାଳୟ ଅଧୀନ ଭାରତୀୟ କେନ୍ଦ୍ରୀୟ ଔଷଧ ପରିଷଦ ଓ ନୀତି ଆୟୋଗ ଦ୍ୱାରା ଗତ ନଭେମ୍ବର ୨୦ରେ ଜାରି କରାଯାଇଥିବା ବିଜ୍ଞପ୍ତିକୁ ପ୍ରତ୍ୟାହାର କରିବା ଦାବିରେ ଭାରତୀୟ ଚିକିତ୍ସକ ସଂଘ(ଆଇଏମ୍‌ଏ) ଓଡ଼ିଶା ଶାଖା ପକ୍ଷରୁ ଆନ୍ଦୋଳନକୁ ଜୋରଦାର କରାଯାଇଛି। ଏଲୋପାଥି, ଆୟୁର୍ବେଦିକ ଓ ହୋମିଓପାଥିକ ଆଦି ଭିନ୍ନଭିନ୍ନ ବିଭାଗଗୁଡ଼ିକ ଏକତ୍ର କରି ଚିକିତ୍ସା କରାଗଲେ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ବହୁ ବାଧାବିଘ୍ନ ସୃଷ୍ଟି ହେବ। ସମସ୍ତଙ୍କ ଚିକିତ୍ସା ପ୍ରଣାଳୀ ଭିନ୍ନ ହୋଇଥିବାରୁ ଏହାର କୁପରିଣାମ ଜନସାଧାରଣଙ୍କ ଉପରେ ପଡ଼ିବ। ତେଣୁ ଏହାକୁ ବିରୋଧ କରି ରାଜ୍ୟରେ ଥିବା ବେସରକାରୀ ହସ୍ପିଟାଲଗୁଡ଼ିକ ଶୁକ୍ରବାର ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବନ୍ଦ କରାଯାଇ ପ୍ରତିବାଦ କରାଯାଇଥିଲା। ଏହା ସହିତ ପ୍ଲାକାର୍ଡ ଧରି ନର୍ସିଂ ହୋମ୍ ସମ୍ମୁଖରେ ବିରୋଧ ପ୍ରଦର୍ଶନ କରାଯାଇଥିଲା। ଅନ୍ୟପକ୍ଷରେ କୋଭିଡ୍, ଆଶୁ ଚିକିତ୍ସା, ଲେବର ରୁମ୍, ଜରୁରୀ ସର୍ଜରି ସହିତ ଜରୁରିକାଳୀନ ସେବା ସହ ଆଇସିୟୁ, କ୍ରିଟିକାଲ କେୟାର ୟୁନିଟ ଇତ୍ୟାଦି ସହିତ ରୋଗୀ ସେବା କାର୍ଯ୍ୟ କରୁଥିଲା। ଜାରି କରାଯାଇଥିବା ବିଜ୍ଞପ୍ତି ପ୍ରତ୍ୟାହାର ନ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ଆଇଏମ୍‌ଏ ଓଡ଼ିଶା ଶାଖାର ସଭାପତି ଡା. କମଳାକାନ୍ତ ପାଣିଗ୍ରାହୀ ଓ ସମ୍ପାଦକ ଡା. ବ୍ରଜକିଶୋର ଦାଶ ସୂଚନା ଦେଇଛନ୍ତି। ଏହାର ପରବର୍ତ୍ତୀ ପଦକ୍ଷେପ ସର୍ବଭାରତୀୟସ୍ତରରେ ଆଇଏମ୍‌ଏ କେନ୍ଦ୍ରୀୟ ପରିଷଦ ବୈଠକ ଦ୍ୱାରା ନିଆଯିବ ବୋଲି ସୂଚନା ମିଳିଛି। ଆନ୍ଦୋଳନକୁ ଭାରତୀୟ ଚିକିତ୍ସକ ସଂଘ, ମେଡିକାଲ କଲେଜ ଶିକ୍ଷକ ସଂଘ, ରେସିଡେଣ୍ଟ ଡାକ୍ତର, ନର୍ସିଂହୋମ ଆସୋସିଏଶନ ଏବଂ ରାଜ୍ୟର ସମସ୍ତ ମେଡିକାଲ ଛାତ୍ର ସଙ୍ଗଠନ ପକ୍ଷରୁ ଏହାକୁ ଦୃଢ ସମର୍ଥନ ଜଣାଇଛନ୍ତି।

# ଅଧିକାରୀଙ୍କ ଅବହେଳାରୁ ବିସ୍ଫୋରଣ

## ପେଟ୍ରୋଲ ପମ୍ପ ବିସ୍ଫୋରଣ ଘଟଣା

**ଭୁବନେଶ୍ୱର,୧୧।୧୨(ବ୍ୟୁରୋ)**

ରାଜଭବନ ନିକଟସ୍ଥ ପେଟ୍ରୋଲ ପମ୍ପରେ ଗତ ଅକ୍ଟୋବର ୭ରେ ଭୂତଳ ଗ୍ୟାସ୍ ଟାଙ୍କି ବିସ୍ଫୋରଣ ଘଟଣା ପାଇଁ ଆଇଓସିଏଲ୍ ଏବଂ ଠିକାଦାର ସଂସ୍ଥା ମେସର୍ସ ସୂର୍ଯ୍ୟଶକ୍ତି ଭେସେଲ ଲିମିଟେଡର ଅଧିକାରୀଙ୍କ ଅବହେଳାକୁ ଦାୟୀ କରାଯାଇଛି। ପୋଲିସ ତଦନ୍ତରୁ ଏହା ଜଣାପଡ଼ିଛି। ଅବହେଳା ପାଇଁ ବିସ୍ଫୋରଣରେ ମୃତ ଦୁଇଜଣଙ୍କୁ ନ୍ୟାୟ ଦେବା, ଭବିଷ୍ୟତରେ ଏଭଳି ଘଟଣାକୁ ରୋକିବା ଓ ପୋଲିସର ବିଶ୍ୱସନୀୟତାକୁ ବଜାୟ ରଖିବା ନିମନ୍ତେ ଆଇନଗତ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି ବୋଲି ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଛି। ଏଥିସହ ଦାୟୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁମତି ଲୋଡ଼ାଯାଇଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି।

ତଦନ୍ତ ରିପୋର୍ଟ ମୁତାବକ ଟାଙ୍କି ଯାଞ୍ଚ ଓ ଗ୍ୟାସ ଲୋଡ୍ ସମୟରେ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜୁଅର(ଏସ୍‌ଓପି) ପାଳନ କରାଯାଇ ନ ଥିଲା। ଭୂତଳ ଗ୍ୟାସ ଟାଙ୍କିରେ ୧୦ବର୍ଷର ବାଧ୍ୟତାମୂଳକ ଚାପ ପରୀକ୍ଷା କାର୍ଯ୍ୟର ଟେଣ୍ଡର, ତଦାରଖ ଏବଂ ଏସ୍‌ଓପି ଅନୁଯାୟୀ ସୁରକ୍ଷା ମାନ ନିଶ୍ଚିତ କରିବା ସହିତ ସମ୍ପୂର୍ଣ୍ଣ ଦାୟିତ୍ୱ ଆଇଓସିଏଲ୍‌ର ରହିଥିଲା। ଆଇଓସିଏଲ୍ ପକ୍ଷରୁ ଏହି ଟେଣ୍ଡର ସୂର୍ଯ୍ୟଶକ୍ତି ଭେସେଲ ଲିମିଟେଡକୁ ପ୍ରଦାନ କରାଯାଇଥିଲା। ଘଟଣା ସମୟରେ ଷ୍ଟାଟିକ ଆଣ୍ଡ ମୋବାଇଲ ପ୍ରେସର ଭେସେଲ୍(ଏସ୍‌ଏମ୍‌ପିଭି) ନିୟମ ଅନୁଯାୟୀ ଭୂତଳ ଗ୍ୟାସ୍ ଟାଙ୍କିର ଚାପ ପରୀକ୍ଷା କରିବାକୁ ସକ୍ଷମ ନ ଥିବା କର୍ମଚାରୀଙ୍କ ଦ୍ୱାରା କରାଯାଉଥିବାବେଳେ ଆଇଓସିଏଲର କୌଣସି ଅଧିକାରୀ ଉପସ୍ଥିତ ନ ଥିଲେ। ଫଳରେ ଅବହେଳା ଯୋଗୁ ରାଜଧାନୀର ଏକ ସମ୍ବେଦନଶୀଳ ସ୍ଥାନରେ ଏଭଳି ଘଟଣା ଘଟିଲା। ବିସ୍ଫୋରଣରେ ୨ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଥିବା ଜଣାପଡ଼ିଛି ବୋଲି ତଦନ୍ତ ରିପୋର୍ଟରେ ସ୍ୱଷ୍ଟ ହୋଇଥିବା କମିଶନରେଟ ପୋଲିସର ଜଣେ ବରିଷ୍ଠ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି।

# ଆନ୍ତଃ ଜିଲା ୮ ଲୁଟେରା ଗିରଫ

## ୧୩ ସୁନାଚେନ, ବନ୍ଧୁକ ଏବଂ ୩ ବାଇକ୍ ଜବତ

**କଟକ ସଦର,୧୧।୧୨(ଡି.ଏନ୍.ଏ.)**

କଟକ ସଦର ଥାନା ପୋଲିସ ଶୁକ୍ରବାର ୮ଜଣ ଆନ୍ତଃ ଜିଲା ଚେନ ଲୁଟେରାଙ୍କୁ ଗିରଫ କରିଛି। ସେମାନେ ହେଲେ ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା ମହାଦେବ ନଗରର ପ୍ରଦୀପ ବେହେରା, କାମିନୀକାନ୍ତ ରଣା, ମାନସ ଲେଙ୍କା, କଟକ ସଦର ଥାନା ତେନ୍ତୁଳିଆର ଧନେଶ୍ୱର ପ୍ରଧାନ, ନନ୍ଦନକାନନ ଥାନା ବାଲିପଡ଼ାର ସଂଗ୍ରାମ ରାଉତ ଓ ବୈଦ୍ୟନାଥ ସାହୁ, ବାଲିଅନ୍ତା ଥାନାର ଜଗନ୍ନାଥ ଭୋଇ, ମଙ୍ଗଳାବାଗ ଥାନା ବଣିଆସାହିର ଦିଲୀପ କୁମାର ମହାରଣା। ଏମାନଙ୍କ ନିକଟରୁ ୧୩ଟି ସୁନାଚେନ, ଗୋଟିଏ ବନ୍ଧୁକ ଏବଂ ୩ ବାଇକ୍ ଜବତ କରାଯାଇଛି। ସମସ୍ତ ଅଭିଯୁକ୍ତଙ୍କୁ ଶନିବାର କୋର୍ଟଚାଲାଣ କରାଯିବ ବୋଲି ପୋଲିସ କହିଛି। ପୋଲିସ ସୂଚନା ଅନୁଯାୟୀ, ଗତ ୫ତାରିଖ ରାତିରେ କଟକ ବିଡ଼ାନାସୀ ଥାନା ଅଞ୍ଚଳର ସତ୍ୟ ରଞ୍ଜନ ନାୟକ ବାଇକ୍‌ରେ ମା'ଙ୍କ ସହ ଭୁବନେଶ୍ୱରରୁ ଘରକୁ ଫେରୁଥିଲେ। ୧୬ନଂ. ଜାତୀୟ ରାଜପଥ ବମ୍ଫକୁଦ ନିକଟରେ ହଠାତ୍ ଦୁଇଜଣ ଲୁଟେରା ସେମାନଙ୍କୁ ଅଟକାଇ ତାଙ୍କ ମା'ଙ୍କ ବେକରୁ ସୁନାଚେନ ଛିଣ୍ଡାଇ ନେବା ସହ ଫାଙ୍କା ଗୁଳି ଚାଳନା କରି ଫେରାର ହୋଇଯାଇଥିଲେ। ଏନେଇ ସତ୍ୟରଞ୍ଜନଙ୍କ ଅଭିଯୋଗକ୍ରମେ କଟକ ସଦର ପୋଲିସ ଏକ ମାମଲା (ନଂ.୬୩୮/୨୦) ରୁଜୁ କରିଥିଲା। ଉକ୍ତ ରାତିରେ ଏହି ଥାନାର ସ୍ପେଶାଲ ସ୍କ୍ୱାଡ୍ ଟିମ୍ କାଜିପାଟଣା ଅଞ୍ଚଳରୁ ଦୁଇ ଲୁଟେରାଙ୍କୁ ଧରିଥିଲା। ସେମାନଙ୍କୁ ପଚରାଉଚରା ବେଳେ ଅନ୍ୟ ଲୁଟେରାଙ୍କ ସମ୍ପର୍କରେ ପୋଲିସ ସୂଚନା ପାଇଥିଲା। ପରେ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅନ୍ୟ ଲୁଟେରାଙ୍କୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତମାନଙ୍କ ନାମରେ କଟକ ଓ ଭୁବନେଶ୍ୱରର ବିଭିନ୍ନ ଥାନାରେ ଅନେକ ଆପରାଧିକ ମାମଲା ରହିଛି ବୋଲି ପୋଲିସ କହିଛି।


ଗିରଫ ଅଭିଯୁକ୍ତମାନେ। ଜବତ ହୋଇଥିବା ସୁନାଚେନ ଓ ବନ୍ଧୁକ।

**THE UNITED PURI-NIMAPARA CENTRAL COOPERATIVE BANK LTD**
Kacheri Road, Puri-752001, Ph.: 224553, Odisha
Fax:- (06752)-224553 email: upnccb@rediffmail.com

Ref. No. 1671 Dt. 10.12.2020

**NOTICE INVITING TENDER**

The Bank desires to purchase a good numbers of Calendars and Diary for the year 2021. Registered firms/ NGOs having own offset colour printing press with adequete experience in offset printing work may participate in the tender/ bid which should reach this office through Speed Post/ Reg. Post with A.D. by 2.00 PM of 18.12.2020. The intending parties may contact to Bank's mail upnccb@rediffmail.com for detailed tender call notice and tender documents including terms & conditions of the tender and submit the tender paper along with a Bank Draft. The intending bidders are requested to submit the sample copy of the Diary to the Manager in charge of premises at H.O. before quoting the rate and apply through Speed Post/ Regd. Post with A.D.

Tenders received beyond the specified time & date are liable to be rejected.

For any query / clarification, the intending parties may contact to **Sri Pratap Kumar Mallick, DGM, H.O.** for detailed terms & conditions of the Tender in person or over Mobile. (Mob.- 9658818602).

*Sj Amulyananda Mohanty*
The Chief Executive Officer

# ଆକାଉଣ୍ଟ ସେଟେଲ କର, ନଚେତ ଦରମା ବନ୍ଦ

## ଅର୍ଥ, ଆଇନ ବିଭାଗ ସଚିବଙ୍କୁ ହାଇକୋର୍ଟଙ୍କ ତାଗିଦ୍

**କଟକ ଅଫିସ,୧୧।୧୨**

ସମ୍ବଲପୁର ହୀରାକୁଦ ଡ୍ୟାମର ଜଣେ ପୂର୍ବତନ କର୍ମଚାରୀଙ୍କ ଆକାଉଣ୍ଟ ଦୀର୍ଘ ବର୍ଷ ଧରି ସେଟେଲମେଣ୍ଟ ହୋଇ ନ ଥିବା ଘଟଣାରେ ହାଇକୋର୍ଟ କ୍ଷୁବ୍ଧ ହୋଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଅର୍ଥାତ ୨୧।୧୨।୨୦୨୦ ପୂର୍ବରୁ ଆକାଉଣ୍ଟ ସେଟେଲମେଣ୍ଟ କରା ନ ଗଲେ ଅର୍ଥ ଓ ଆଇନ ବିଭାଗ ସଚିବଙ୍କ ଦରମା ବନ୍ଦ କରାଯିବ ବୋଲି ଶୁକ୍ରବାର ଜଷ୍ଟିସ ସଞ୍ଜୁ ପଣ୍ଡା ଓ ଜଷ୍ଟିସ ଏସ୍. କେ. ପାଣିଗ୍ରାହୀଙ୍କ ଦ୍ୱାରା ଗଠିତ ଖଣ୍ଡପୀଠ କହିଛନ୍ତି।

ପ୍ରକାଶ ଯେ, ମିଥୁରାମ ଭୋଇ ହୀରାକୁଦ ଡ୍ୟାମରେ ୩୭ବର୍ଷ ଧରି ଜଣେ ୱାର୍କ ଚାର୍ଜ କର୍ମଚାରୀ ଭାବେ କାମ କରି ଚାକିରିରୁ ୩୦।୬।୧୯୯୮ରେ ଅବସର ନେଇଥିଲେ। ବର୍ତ୍ତମାନ ତାଙ୍କୁ ୮୪ ବର୍ଷ ବୟସ। ୨୦୧୫ରେ ସେ ଓଡ଼ିଶା ପ୍ରଶାସନିକ ଟ୍ରିବ୍ୟୁନାଲଙ୍କ ଆଶ୍ରୟ ନେଇଥିଲେ। ଟ୍ରିବ୍ୟୁନାଲ ୮।୯।୨୦୧୫ରେ ମାମଲାର ଶୁଣାଣି କରିଥିଲେ। ଟ୍ରିବ୍ୟୁନାଲ ମିଥୁରାମଙ୍କୁ ଅତି କମ୍‌ରେ ଗୋଟିଏ ଦିନ ପାଇଁ କାମରେ ନିୟମିତ କରାଇ ସର୍ବନିମ୍ନ ଦରମା ସହ ପେନ୍‌ସନ୍ ଓ ଏରିୟର ଦେବା ପାଇଁ ଜଳ ସମ୍ପଦ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଏହି ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ଜଳସମ୍ପଦ ବିଭାଗ ତରଫରୁ ଏକ ରିଟ୍ ପିଟିଶନ(ଡବ୍ଲ୍ୟୁପିସି ୯୦୯୯/୧୬) ହାଇକୋର୍ଟରେ ଦାଖଲ କରାଯାଇଥିଲା। ୧୨।୧୨।୨୦୧୯ରେ ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଜାଭେରୀ ଓ ଜଷ୍ଟିସ କେ. ଆର୍ ମହାପାତ୍ରଙ୍କ ଦ୍ୱାରା ଗଠିତ ଖଣ୍ଡପୀଠ ମାମଲାର ଶେଷ ଶୁଣାଣି କରିଥିଲେ। ଅଦାଲତ ଆବେଦନକାରୀ(ଅଧୀକ୍ଷଣ ଯନ୍ତ୍ରୀ ହୀରାକୁଦ ଡ୍ୟାମ, ବୁର୍ଲା ଓ ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ)ଙ୍କୁ ମିଥୁରାମଙ୍କ ଆକାଉଣ୍ଟ ସେଟେଲମେଣ୍ଟ ପାଇଁ ଦୁଇଟି ପର୍ଯ୍ୟାୟରେ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମିଥୁରାମଙ୍କୁ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ ଯେକୌଣସି ପଦବୀରେ ସ୍ଥାନିତ କରି ଦରମା ସହ ପେନ୍‌ସନ୍ ଓ ଏରିୟର ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏପରି କି ଏହାକୁ ୧।୨।୨୦୨୦ ପୂର୍ବରୁ ଆକ୍‌ଚୁଆଲ ପେନ୍‌ସନ୍ ଓ ୧୦।୪।୨୦୨୦ ପୂର୍ବରୁ ଏରିୟର ପ୍ରଦାନ କରିବାକୁ କହିଥିଲେ। କିନ୍ତୁ କୋର୍ଟଙ୍କ ଆଦେଶକୁ ସରକାରୀସ୍ତରରେ ଅବମାନନା କରାଯାଇଥିଲା। ୨୮।୯।୨୦୨୦ରେ ମିଥୁରାମ ଏକ ଅଦାଲତ ଅବମାନନା ମାମଲା ହାଇକୋର୍ଟରେ ଫାଇଲ କରିଥିଲେ। ୨୩।୧୧।୨୦ରେ ମାମଲାର ଶୁଣାଣି କରି ମାନ୍ୟବର ଅଦାଲତ ସରକାରୀ ଓକିଲଙ୍କୁ ଅବମାନନାର କାରଣ ୮ ଡିସେମ୍ବର ପୂର୍ବରୁ ଜଣାଇବାକୁ ନିର୍ଦ୍ଦେଶ ଦେଇଥିଲେ। ୭।୧୨।୨୦ରେ ପ୍ରତିପକ୍ଷ ତରଫରୁ ଏକ କାରଣ ଦର୍ଶାଅ ସତ୍ୟପାଠ ଦାଖଲ କରାଯାଇ ଅର୍ଥ ଓ ଆଇନ ବିଭାଗର ସହମତିରେ ଏହାକୁ ବିଚାର କରାଯାଉଥିବାରୁ ବିଳମ୍ବ ହେଉଥିବା ଦର୍ଶାଯାଇଥିଲା। ଶୁକ୍ରବାର ଶୁଣାଣିରେ ଅଦାଲତଙ୍କୁ ପ୍ରତିପକ୍ଷ ଆଉ ଅଧିକ ୩ମାସ ସମୟ ମାଗିଥିଲେ। କିନ୍ତୁ ପୂର୍ବ ନିର୍ଦ୍ଦେଶକୁ ଏକ ବର୍ଷ ବିତିଥିଲେ ସୁଦ୍ଧା ଅଦାଲତ ନିର୍ଦ୍ଦେଶ କାର୍ଯ୍ୟକାରୀ କରାଯାଇ ନ ଥିବାରୁ ଆସନ୍ତା ୨୧ତାରିଖ ପୂର୍ବରୁ ମିଥୁରାମଙ୍କ ଆକାଉଣ୍ଟ ସେଟେଲ କରିବାକୁ କୁହାଯାଇଛି। ନଚେତ ଆଇନ ଓ ଅର୍ଥ ବିଭାଗ ସଚିବଙ୍କ ଦରମା ବନ୍ଦ କରାଯିବ ବୋଲି କୋର୍ଟ ଆଦେଶ ଦେଇଛନ୍ତି।

**ଭାରତ ସରକାର, କୋଇଲା ମନ୍ତ୍ରଣାଳୟ**
**ନାମାଙ୍କିତ ପ୍ରାଧିକାରୀ**
୧୨୦, ଏଫ୍-ୱିଙ୍ଗ୍, ୧ମ ମହଲା, ଶାସ୍ତ୍ରୀ ଭବନ, ନୂଆଦିଲ୍ଲୀ- ୧୧୦୦୦୧
ଇମେଲ୍: nomauthority.moc@nic.in, ୱେବ୍‌ସାଇଟ୍: http://www.coal.nic.in

**ତା୦୯।୧୨।୨୦୨୦ରିଖର ଟେଣ୍ଡର ଆମନ୍ତ୍ରଣକାରୀ ବିଜ୍ଞପ୍ତିର ଭ୍ରମ ସଂଶୋଧନ**

**କୋଇଲା ବିକ୍ରି ପାଇଁ କୋଇଲା ଖଣି/ ବ୍ଲକ୍‌ଗୁଡ଼ିକର ନିଲାମ ପାଇଁ ବିଡ୍ ଆମନ୍ତ୍ରଣ**

ନାମାଙ୍କିତ ପ୍ରାଧିକାରୀ, କୋଇଲା ମନ୍ତ୍ରଣାଳୟ, ଭାରତ ସରକାରଙ୍କ କାର୍ଯ୍ୟାଳୟ ଦ୍ୱାରା ସିଏମ୍ (ଏସ୍‌ପି) ଅଧିନିୟମ ଅଧୀନରେ ନିଲାମର ୧୧ତମ ପର୍ଯ୍ୟାୟ ଏବଂ ଏମ୍‌ଏମ୍‌ଡିଆର୍ ଅଧିନିୟମ ଅଧୀନରେ ୧ମ ପର୍ଯ୍ୟାୟ ଲାଗି ଛେଣ୍ଡିପଦା ଓ ଛେଣ୍ଡିପଦା-II, କୁରାଲୋଇ (ଏ) ଉତ୍ତର ଓ ସେରଗଡ଼ କୋଇଲା ଖଣି ନିଲାମର ଦ୍ୱିତୀୟ ପ୍ରୟାସ ଆରମ୍ଭ ଲାଗି ତା୦୯।୧୨।୨୦୨୦ରିଖରେ ଜାରି କରାଯାଇଥିବା ଟେଣ୍ଡର ଆମନ୍ତ୍ରଣକାରୀ ବିଜ୍ଞପ୍ତି ପ୍ରତି ଧ୍ୟାନ ଆକର୍ଷଣ କରାଯାଉଛି। କଥିତ ଟେଣ୍ଡର ଆମନ୍ତ୍ରଣକାରୀ ବିଜ୍ଞପ୍ତିରେ, **ଟେଣ୍ଡର ଦସ୍ତାବିଜ କ୍ରୟର ଶେଷ ତାରିଖକୁ ତା୦୯।୧୨।୨୦୨୦ରିଖ ବଦଳରେ ତା୦୯।୦୧।୨୦୨୧ରିଖ ପଢ଼ାଯିବା ଆବଶ୍ୟକ।**

ଅଧିକନ୍ତୁ, ସେରଗଡ଼ କୋଇଲା ଖଣି ଲାଗି ସମ୍ଭାବ୍ୟ ବିଡରମାନେ ଏହା ଧ୍ୟାନରେ ରଖିପାରନ୍ତି ଯେ, ଭାରତର ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା ଡବ୍ଲ୍ୟୁପି(ସି) ନଂ. ୫୮୫/ ୨୦୨୦ (ଝାଡ଼ଖଣ୍ଡ ରାଜ୍ୟ ବନାମ ଭାରତ ସରକାର ଓ ଅନ୍ୟ) ତଥା ମୂଳ ମକଦ୍ଦମା ନଂ. ୦୪/୨୦୨୦ (ଝାଡ଼ଖଣ୍ଡ ରାଜ୍ୟ ବନାମ ଭାରତ ସରକାର) ମାମଲାରେ ୦୬ ନଭେମ୍ବର, ୨୦୨୦ର ଆଦେଶ ଅନୁସାରେ, ବର୍ତ୍ତମାନର କାର୍ଯ୍ୟାନୁଷ୍ଠାନ ଏହି ଅର୍ଥରେ ଅସ୍ଥାୟୀ ଯେ ଏହା ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଜାରି ହେବାକୁ ଥିବା ଆଦେଶ ଅଧୀନ ହେବ।

ସବିଶେଷ ଟେଣ୍ଡର ଦସ୍ତାବିଜ ଏମ୍‌ଏସ୍‌ଟିସି ଲିମିଟେଡ୍‌ର ୱେବ୍‌ସାଇଟ୍ (https://www.mstcecommerce.com/auctionhome/coalblock/index.jsp)ରୁ ଡାଉନଲୋଡ୍ କରାଯାଇପାରିବ। କୌଣସି ପ୍ରଶ୍ନ/ସ୍ୱଷ୍ଟୀକରଣ ପାଇଁ ଦୟାକରି ବିଜ୍ଞାପନରେ ଉପର ପ୍ରଦତ୍ତ ଯୋଗାଯୋଗ ବିବରଣୀରେ ନାମାଙ୍କିତ ପ୍ରାଧିକାରୀଙ୍କ ସହ ଯୋଗାଯୋଗ କରନ୍ତୁ।

davp 04101/11/0037/2021

